## ସଂକ୍ଷେପରେ

### ଜିତେନ୍ଦ୍ର ଯୁବ, ରଞ୍ଜିତ ଛାତ୍ର ବିଜେଡି ସଭାପତି




ଟିକିରି,୨୯।୯(ଡି.ଏନ୍.ଏ.)-ରାୟଗଡ଼ା ଜିଲା ବିଜେଡି ପକ୍ଷରୁ କାଶୀପୁର ବ୍ଲକର ଯୁବ ବିଜେଡି ସଭାପତି ଭାବେ ଜିତେନ୍ଦ୍ର କୁମାର ପାଢ଼ୀ ଏବଂ ଛାତ୍ର ବିଜେଡି ସଭାପତି ରୂପେ ପୁଣିଥରେ ରଞ୍ଜିତ ନାଏକଙ୍କୁ ଦାୟିତ୍ୱ ଦିଆଯାଇଛି। ଅପରପକ୍ଷେ ବିଜେଡି ଜିଲା ସମ୍ପାଦକ ରୂପେ କାଶୀପୁର ବ୍ଲକର ବିଘ୍ନରାଜ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ କାଶୀପୁର ଛାତ୍ର ଜନତା ଦଳର ସମ୍ପାଦକ ଭାବେ ନୀଳକଣ୍ଠ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ବିଜେଡି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସମସ୍ତ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରାଯାଇଛି।

### ବ୍ଲକ କଂଗ୍ରେସ ପକ୍ଷରୁ ସଭା, ସମ୍ବର୍ଦ୍ଧନା

କୁନ୍ଦୁରା,୨୯।୯ (ଡି.ଏନ.ଏ.)- କଂଗ୍ରେସ ବ୍ଲକ କଂଗ୍ରେସ ପକ୍ଷରୁ ଦଳର ବରିଷ୍ଠ ନେତା ସ୍ୱର୍ଗତ ତ୍ରିପତି ଗୁରୁଙ୍କ କୁଡୁମ୍ଫଦର ଗ୍ରାମରେ ଏକ ସମ୍ବର୍ଦ୍ଧନା ସଭା ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉଜ୍ୱଳ ପାଢ଼ୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କର୍ମୀ ତ୍ରିପତି ପଟ୍ଟନାୟକ ତ୍ରିପତି ଗୁରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିତେନ୍ଦ୍ର କୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପିସିସି ସଦସ୍ୟ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, କୁନ୍ଦୁରା ବ୍ଲକ କଗ୍ରେସ ସଭାପତି ସୁରେନ୍ଦ୍ର ପରଜା, ମହିଳା ସଭାନେତ୍ରୀ ଲକ୍ଷ୍ମୀ ମିନରବାଲିଆ, ବ୍ଲକ ଅଧକ୍ଷା ରାଜେଶ୍ୱରୀ ପରଜା, ଯୁବକଂଗ୍ରେସ ସଭାପତି ରାଜେଶ ଗୁରୁ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ପିସିସି ସଦସ୍ୟ ପଟ୍ଟନାୟକ ଓ ବ୍ଲକ କଂଗ୍ରେସ କାର୍ଯ୍ୟକାରିଣୀ ସଭାପତି ସୁରେନ୍ଦ୍ର ପରଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ବ୍ଲକର ୧୬ଟି ପଞ୍ଚାୟତରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା କର୍ମୀଙ୍କୁ ନେଇ ସଙ୍ଗଠନ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ପିସିସି ସଦସ୍ୟ ପଟ୍ଟନାୟକ କହିଥିଲେ, କଂଗ୍ରେସ କାଲିର ସଙ୍ଗଠନ ନୁହେଁ, ଏହା ଦୀର୍ଘ ୧୦୦ ବର୍ଷର ସଙ୍ଗଠନ । ଅନେକ ବାଧାବିଘ୍ନ ପରେ ମଧ ଦଳ ମୁଣ୍ଡ ଟେକି ରହିଛି । ଆମେ ଲଢ଼ିବା ଜାଣିଛୁ ଆଉ ଆଗକୁ ଲଢ଼ିବୁ ବୋଲି କହିଥିଲେ। ଯୁବ କଂଗ୍ରେସ ସଭାପତି ଓ ମହିଳା ନେତ୍ରୀଙ୍କୁ ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମ ସ୍ତରରେ ସଙ୍ଗଠନ ସୁଦୃଢ଼ କରିବା ଏବଂ ଲୋକଙ୍କ ତୃଣମୂଳ ସ୍ତରରୁ ସମସ୍ୟା ବୁଝିବା ପାଇଁ ସେ ପରାମର୍ଶ ଦେଇଥିଲେ ।

# ଗୁଡାରି, ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

ଗୁଡାରି/ମୁନିଗୁଡ଼ା,୨୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୌରବମୟ କାୟାକଳ୍ପ ପୁରସ୍କାର ମିଳିଛି। ଉଲ୍ଲେଖନୀୟ ରୋଗୀସେବା, ପରିବେଶ ସ୍ୱଚ୍ଛତା, ପରିଚାଳନା ଦକ୍ଷତା, ସ୍ୱାସ୍ଥ୍ୟ କର୍ମୀଙ୍କ ଉତ୍ତମ ପାରଦର୍ଶୀତା ଏବଂ ରୋଗୀ କଲ୍ୟାଣ କ୍ଷେତ୍ରରେ ଏହି ପୁରସ୍କାର ମିଳିଛି। ଗୁରୁବାର ରାୟଗଡ଼ା ବାରିଖୋଲା ସ୍ଥିତ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱଧା ଦେବସିଂ ଏବଂ ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଅରୂପାନନ୍ଦ ବେହେରା ଓ ପିଏଚ୍‌ଇଓ ରଶ୍ମିତା ମହାଙ୍କୁଡ଼ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଛନ୍ତି। ଡା. ବେହେରା ଦାୟିତ୍ୱରେ ଥାଇ ଲଗାତାର ତୃତୀୟ ଥର ପାଇଁ ଗୁଡାରୀ ସ୍ୱାସ୍ଥ୍ୟକେନ୍ଦ୍ର ଏହି ପୁରସ୍କାର ପାଇଛି। ପୂର୍ବରୁ ଡା. ତିଆଡ଼ି ଇନ୍‌ଚାର୍ଜ ଥିବା ସମୟରେ ମଧ ଏହି ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଥିଲା । ପୁରସ୍କାର ଗ୍ରହଣ ସମୟରେ ବାଡ଼ା ରାଜେଶ ପ୍ରସାଦ ଓ ବିଡିଏମ ଅକ୍ଷୟ ମିଶ୍ର ମଧ ଉପସ୍ଥିତ ଥିଲେ। ସହକର୍ମୀ, କର୍ମଚାରୀ ଓ ଅଞ୍ଚଳବାସୀଙ୍କ ସହଯୋଗ କାରଣରୁ ଏହି ପୁରସ୍କାର ପାଇବା ସମ୍ଭବ ହୋଇପାରିଛି ବୋଲି ଡା. ବେହେରା କହିଛନ୍ତି।



ଗୁଡାରି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଅରୂପାନନ୍ଦ ବେହେରା ଓ ପିଏଚ୍‌ଇଓ ରଶ୍ମିତା ମହାଙ୍କୁଡ଼ ପୁରସ୍କାର ଗ୍ରହଣ କରୁଛନ୍ତି।

ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ ଗୁରୁବାର କାୟାକଳ୍ପ ପୁରସ୍କାର ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ କୁମାର, ବିପିଏମ୍ ତପନ କୁମାର ପଣ୍ଡା, ପିଏଚ୍‌ଇଓ ସଞ୍ଜୁକ୍ତା ଗମାଙ୍ଗ, ଦିବେଶ ଜାନୀ, ସୁମିତ୍ରା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜିଲାପାଳ ସ୍ୱଧା ଦେବ ସିଂ ଏବଂ ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ଡା. ସଞ୍ଜୟ କୁମାର ପ୍ରତିକ୍ରିୟାରେ କହିଛନ୍ତି, ୨୦୨୦-୨୧ ବର୍ଷରେ ମଧ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଏହି ସମ୍ମାନଜନକ ପୁରସ୍କାର ପାଇଥିଲା। ପୁଣିଥରେ ଏହ ପୁରସ୍କାର ପାଇବା ପରେ ଆଗାମୀ ଦିନରେ ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ ଆୱାର୍ଡ ପାଇବା ପାଇଁ ଉତ୍ସାହିତ କରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ପଣ୍ଡା ଏହି ସମ୍ମାନ ଓ ପୁରସ୍କାରର ଶ୍ରେୟ ମେଡିକାଲର ସମସ୍ତ ଟିମ୍‌କୁ ଦେଇଛନ୍ତି।

# ପୋଷଣ ଅଭିଯାନ ସଚେତନତା କାର୍ଯ୍ୟକ୍ରମ

ଗୁଣପୁର,୨୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କଲେଜ ସମେତ ଉମ୍ପସରା ଡିଗ୍ରୀ କଲେଜରେ ପୋଷଣ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର କଲେଜର ଏନ୍‌ଏସ୍‌ଏସ୍ ୟୁନିଟ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା ଅଧକ୍ଷତା କରିଥିଲେ। ବକ୍ତା ରୂପେ ଜଗନ୍ନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର କାଳୀଚରଣ ପଣ୍ଡା ଯୋଗଦେଇ ପୋଷଣର ମାପଦଣ୍ଡ କିପରି ସ୍ଥିର କରାଯାଏ ତଥା ପୋଷଣ ଓ କୁପୋଷଣ ସମ୍ବନ୍ଧୀୟ ବିଭିନ୍ନ ଆବଶ୍ୟକୀୟ ବିଷୟ ଉପସ୍ଥାପନା କରିଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ.ଦେବୀଶ୍ରୀ ମହାପାତ୍ର, ଅଧ୍ୟାପକ ଅମୀୟ ରଞ୍ଜନ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିବାବେଳେ ଛାତ୍ରୀଛାତ୍ର ଏଥିରେଯୋଗ ଦେଇଥିଲେ। ସେହିଭଳି ଉମ୍ପସରା ଆଞ୍ଚଳିକ ଡିଗ୍ରୀ କଲେଜଠାରେ ମଧ ପୋଷଣ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଉମ୍ପସରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ପାର୍ଥସାରଥି ବେହେରା ଯୋଗଦେଇ ପୋଷଣ ଓ କୁପୋଷଣ ଉପରେ ନିଜର ମତ ରଖିଥିଲେ। ଉମ୍ପସରା ଏସ୍‌ବିଆଇର ପରିଚାଳକ ସୋଭେଷ କୁମାର ସେନାପତି ଯୋଗ ଦେଇଥିଲେ। କଲେଜର ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମାଝି, ଶିକ୍ଷା ପ୍ରଦର୍ଶକ ହେମନ୍ତ କୁମାର ମଲିଫୁଲ ଏବଂ ଇଂଲିଶ ଅଧ୍ୟାପକ ଶ୍ରୀକାନ୍ତ ରଥ ଯୋଗ ଦେଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ର ଏଥିରେ ଉପସ୍ଥିତ ଥିଲେ।

# ଆୟୁଷ ବିଭାଗ ପକ୍ଷରୁ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ଗୁଣପୁର,୨୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଚିନାସାରି ସ୍ଥିତ ନେତାଜୀ ଉଚ୍ଚ ବିଦ୍ୟାଳୟ ଏବଂ ଗୁଣପୁର ଏସ୍‌ଏଲ୍‌ଏନ୍‌ଏମ ହାଇସ୍କୁଲରେ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆୟୁଷ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ପରିଚାଳକ ଭାବେ ଜିଲା ଆୟୁର୍ବେଦ ଅଧିକାରୀ ଡା. ବିଶ୍ୱନାଥ ସୋରେନ କାର୍ଯ୍ୟ ପରିଚାଳନା କରିଥିଲେ। ସହ ଆୟୁର୍ବେଦ ଅଧିକାରୀ ଡା. ଯାଜ୍ଞସେନି ସାହୁ ସହଯୋଗ କରିଥିଲେ। କୁଲୁସିଂ ସ୍ୱାସ୍ଥ୍ୟକେନ୍ଦ୍ରର ଏଏମ୍‌ଓ ଡା. ମାନସି ହରପଲ, ଡିପିଏମ୍ ଡା. ଏମ୍. ସଞ୍ଜୟ କୁମାର, ଶିକ୍ଷକ ସୁରେନ୍ଦ୍ର ମଲିକ, ବୃନ୍ଦାବନ ପାଢ଼ି, ଶିକ୍ଷକ ଉମାଶଙ୍କର ଦାସ, ଡା. ସଂଘମିତ୍ରା ସାହୁ, ମନୋଜ ଦେଓ, ଅନିଶା ଶବର ଏବଂ ଡ. ସୁନିତ ବେହେରାଙ୍କ ସହଯୋଗରେ ବିଦ୍ୟାଳୟରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ରଖାଯିବ, ସେମାନଙ୍କ ଯତ୍ନ କିପରି ନିଆଯିବ ଏବଂ ଯୋଗ ପ୍ରାଣାୟାମ ବିଷୟରେ ଆଲୋକପାତ କରାଯାଇଥିଲା। ଓଡ଼ିଶା ରାଜ୍ୟ ଆୟୁଷ ସୋସାଇଟି ଏବଂ ଜାତୀୟ ଆୟୁଷ ମିଶନ ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଇଥିଲା। ନେତାଜୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମହାପାତ୍ର, ଶିକ୍ଷକ ଘନଶ୍ୟାମ ବେହେରା, ମଧୁସୂଦନ ପଟ୍ଟନାୟକ, ବିଶ୍ୱନାଥ ପାଢ଼ୀ ପ୍ରମୁଖ ସହଯୋଗ କରିଥିବାବେଳେ ଶେଷରେ ଔଷଧୀୟ ଚାରାରୋପଣ କରାଯାଇଥିଲା।

# ମଝିଘରିଆଣୀ ମନ୍ଦିରରେ ଚାଲିଛି ନବରାତ୍ରି ପୂଜା

- ବର୍ଷକରେ ଥରେ ବାହାରେ ଜୟଦୁର୍ଗାଙ୍କ ଖଣ୍ଡା
- ଜିଲା, ଜିଲା ବାହାରୁ ଶ୍ରଦ୍ଧାଳୁ ଆସି ଜାଳିଛନ୍ତି ଅଖଣ୍ଡ ଦୀପ

ରାୟଗଡ଼ା ଅଫିସ,୨୯।୯

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ମନ୍ଦିରରେ ବର୍ଷାସାରା ବିଭିନ୍ନ ପର୍ବ ଅନୁଷ୍ଠିତ ହୋଇଥାଏ। ହେଲେ ଶାରଦୀୟ ନବରାତ୍ରୀ ପୂଜା ତଥା ଦଶହରା ମାଁଙ୍କ ସବୁଠାରୁ ବଡ଼ ପର୍ବ। କରୋନା ଯୋଗୁ ୨ ବର୍ଷ ହେଲା କେବଳ ନୀତିକାନ୍ତି ଅନୁଷ୍ଠିତ ହେଉଥିଲା। ଚଳିତ ବର୍ଷ ଆଡମ୍ବରରେ ନବରାତ୍ରୀ ପୂଜା ଅନୁଷ୍ଠିତ ହେଉଛି। ସୋମବାର ଠାରୁ ନବରାତ୍ରୀ ପୂଜା ଆରମ୍ଭ ହୋଇଥିବାବେଳେ ହଜାର ହଜାର ସଂଖ୍ୟାରେ ମାନସିକ ଧାରୀ ପହଞ୍ଚି ମାଁଙ୍କ ଠାରୁ ମାନସିକ ରଖି ଦୀପ ଜାଳିଛନ୍ତି। ଏହା ବ୍ୟତୀତ ମନ୍ଦିରରେ ହୋମଯଜ୍ଞ ମଧ ଅନୁଷ୍ଠିତ ହେଉଛି।


ମାଁ ମଝିଘରିଆଣୀ।

ପ୍ରତିପଦା ଠାରୁ ୧୦ ଦିନ ବ୍ୟାପୀ ମାଁଙ୍କ ଠାରେ ବିଶେଷ ପୂଜାର୍ଚ୍ଚନା ହୋଇଥାଏ। ଏଠାକାର ସ୍ୱତନ୍ତ୍ରତା ହେଲା ବର୍ଷସାରା ମୁଖ୍ୟ ମନ୍ଦିରରେ ମାଁ ମଝିଘରିଆଣୀଙ୍କ ସମେତ ଭଉଣୀ ରାଇଜବୁଲି, ସାତଭଉଣୀ, ଠାକୁରାଣୀ ଏବଂ ଜୟଦୁର୍ଗାଙ୍କ ଖଣ୍ଡା ପୂଜା ପାଆନ୍ତି। ତେବେ ବର୍ଷରେ ଥରେ ଦଶହରା ସମୟରେ ମାଁ ଜୟଦୁର୍ଗାଙ୍କର ଖଣ୍ଡା ତହସିଲ କାର୍ଯ୍ୟାଳୟ ପ୍ରାଙ୍ଗଣ ଅସ୍ଥାୟୀ ପୀଠରୁ ଆସି ପୂଜା ହୁଏ। ରାତିରେ ମଧ ଚଣ୍ଡୀପାଠ କରାଯାଏ। ଅନେକ ଶ୍ରଦ୍ଧାଳୁ ଜିଲା ଏବଂ ଜିଲା ବାହାରୁ ଆସି ଅଖଣ୍ଡ ଦୀପ ଜାଳିଥିବା ମନ୍ଦିରର ମୁଖ୍ୟ ପୂଜକ ଚନ୍ଦ୍ର ସୂଚନା ଦେଇଛନ୍ତି।

### ରାମ ପଣ୍ଡା ଯୁବ ବିଜେଡି ଗୁଣପୁର ନଗର ସଭାପତି

ଗୁଣପୁର, ୨୯।୯ (ଡି.ଏନ୍.ଏ.)



ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ପକ୍ଷରୁ ସାଙ୍ଗଠନିକ ସ୍ତରରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ବୁଧବାର ବିଜୁ ଯୁବ ଜନତା ଦଳ ପକ୍ଷରୁ ବିଭିନ୍ନ ବ୍ଲକ, ଏନ୍‌ଏସି ଓ ପୌର ପରିଷଦର ସଭାପତି, ଉପସଭାପତି, ସମ୍ପାଦକଙ୍କ ନୂତନ ତାଲିକା ପ୍ରକାଶ ପାଇଛି। ଏଥିରେ ଗୁଣପୁର ନଗର ସଭାପତି ଭାବେ ଯୁବ ତଥା ଦକ୍ଷ ସଙ୍ଗଠକ ରାମ ପ୍ରସାଦ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଶାସକ ଦଳର ଜଣେ ଶୃଙ୍ଖଳିତ କର୍ମୀ, ସଙ୍ଗଠକ ତଥା ଦଳ ପ୍ରତି ତାଙ୍କର ବିଶେଷ ଆନୁଗତ୍ୟ ଓ ଅବଦାନ ରହିଛି। ତୃଣମୂଳ ସ୍ତରରେ ତାଙ୍କ ସଙ୍ଗଠନ ଭଲ ଥିବାରୁ ଏହି ଗୁରୁ ଦାୟିତ୍ୱ ଦିଆଯାଇଥିବା ଚର୍ଚ୍ଚା ହେଉଛି। ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ସହରରେ ଖୁସିର ଲହରୀ ଖେଳିଯାଇଛି। ନଗର ସଭାପତି ଦାୟିତ୍ୱ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲ୍ଲା ସଭାପତି ସୁଧୀର ଦାସଙ୍କ ସମେତ ଗୁଣପୁର ବାସୀ ଓ ଦଳୀୟ କର୍ମକର୍ତ୍ତାଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

# ବନ୍ଧାହେଲେ ଟୁଙ୍ଗୁରୁ ଭୋଳ

ଭୁବନେଶ୍ୱର,୨୯।୯ (ବ୍ୟୁରୋ)

ଜଣେ ମହିଳାଙ୍କୁ ବଳାତ୍କାର କରିବା ଓ ତାଙ୍କ ସହିତ ପ୍ରେମ ସମ୍ପର୍କିତ ଭିଡିଓ ଭାଇରାଲ କରିବା ଅଭିଯୋଗରେ ଆଲୋକ ଭୋଳ ଓରଫ ଟୁଙ୍ଗୁରୁଙ୍କୁ ଭରତପୁର ଥାନା ପୋଲିସ ଗୁରୁବାର ଗିରଫ ପରେ କୋର୍ଟଚାଲାଣ କରିଛି। ତାଙ୍କ ଘର ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଆଇଗଣିଆ ଅଞ୍ଚଳର ଫୁଲେଶ୍ୱରୀ ବସ୍ତିରେ ରହୁଥିଲେ।

ସୂଚନାନୁସାରେ, ଟୁଙ୍ଗୁରୁ ବାପା, ମା'ଙ୍କ ସହ ଫୁଲେଶ୍ୱରୀ ବସ୍ତିରେ ରହି ଅଟୋ ଚଳାନ୍ତି। ଭରତପୁର ଥାନା ଶରଧାପଲ୍ଲୀ ବସ୍ତିର ସୁଜୟନ୍ତୀ ଦିଗାଲ ଓରଫ ବର୍ଷା ଭୋଳ(୨୯)ଙ୍କୁ ଅଟୋରେ ନେବା ସମୟରେ ତାଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଉଭୟଙ୍କ ମଧ୍ୟରେ ଫୋନ ନମ୍ବର ଦିଆନିଆ ହୋଇଥିଲା। ଉଭୟଙ୍କ ପ୍ରେମ ସମ୍ପର୍କ ଜାଣିବା ପରେ ବର୍ଷାଙ୍କ ସ୍ୱାମୀ ତାଙ୍କୁ ଛାଡ଼ି ପଳାଇଥିଲେ। ପରେ ବର୍ଷା ଟୁଙ୍ଗୁରଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ ମଧ ସେ ରାଜି ହୋଇ ନ ଥିଲେ। ବର୍ଷା ଫୁଲମାଳ, ସିନ୍ଦୂର ଏବଂ ଶଙ୍ଖା ଧରି ଭରତପୁର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଘଟଣା ଗଣମାଧମରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପରେ ଟୁଙ୍ଗୁରୁ ଭୋଳ ବର୍ଷାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଡାକି ବୁଝାଶୁଝା କରିଥିଲା। ପୁଣି ଅଗଷ୍ଟ ୧୦ ବିଳମ୍ବିତ ରାତିରେ ଟୁଙ୍ଗୁରୁ ବର୍ଷାଙ୍କ ଘରକୁ ଯାଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ନେଇ ବର୍ଷା ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୪୧,୨୯୪, ୩୨୩, ୩୭୬ ,୫୦୬ ଏବଂ ୩୪ ଆଇପିସିରେ ମାମଲା ରୁଜୁ କରିଥିଲା। ଟୁଙ୍ଗୁରୁଙ୍କୁ ଦୁଇ ଦିନ ଧରି ଭରତପୁର ପୋଲିସ ଅଟକ ରଖିବା ପରେ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି।

# ଅସମ୍ପୂର୍ଣ୍ଣ ପ୍ରକଳ୍ପ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ**

ରାୟଗଡ଼ା ଅଫିସ,୨୯।୯-

ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଗୁରୁବାର ନିଜ ନିର୍ବାଚନ ମଣ୍ଡଳୀରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସ୍ୱଧାଦେବ ସିଂ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ରବି ନାରାୟଣ ତ୍ରିପାଠୀ, ରାୟଗଡ଼ା ଆଇଟିଡିଏର ପିଏ, ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବିଡିଓ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ବିଧାୟକ ଅନୁଦାନ ପାଣ୍ଠି, ବିଜୁ କେବିକେ କ୍ରିଟିକାଲ ଗ୍ୟାପ୍ ଫଣ୍ଡ, ଜିଲା ଖଣିଜ ପାଣ୍ଠି, ସ୍ୱତନ୍ତ୍ର ସମସ୍ୟା ପାଣ୍ଠିର ସମୀକ୍ଷା କରିଥିଲେ। ସେହିପରି ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ବିଭିନ୍ନ ଅସମ୍ପୂର୍ଣ୍ଣ ପ୍ରକଳ୍ପ କାମଗୁଡ଼ିକୁ ଶୀଘ୍ର ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। କ୍ରିଟିକାଲ ଗ୍ୟାପ୍ ଫଣ୍ଡ ତଥା ମିନି ଷ୍ଟାଡିୟମ, ମେଡିକାଲ କୋଠା, ବସଷ୍ଟାଣ୍ଡ, ୫-ଟି ସ୍କୁଲ, ଆଦର୍ଶ ବିଦ୍ୟାଳୟ ହଷ୍ଟେଲ, ରାୟଗଡ଼ାରେ ୬ଟି ଏବଂ କାଶୀପୁରରେ ୧୦ଟି କଲ୍ୟାଣ ମଣ୍ଡପ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ନିମନ୍ତେ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାୟଗଡ଼ା ଓ କାଶୀପୁର ବ୍ଲକରେ ସ୍ୱଚ୍ଛ ପାନୀୟ ଜଳ ନିମନ୍ତେ ମେଗା ପ୍ରକଳ୍ପ କାମ ଶୀଘ୍ର ସାରିବାକୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାୟଗଡ଼ା ନିର୍ବାଚନ ମଣ୍ଡଳୀ ଯେପରି ଏକ ନମ୍ବର ହେବ ସେଥି ନିମନ୍ତେ ସମସ୍ତେ ଚେଷ୍ଟା କରିବାକୁ ବିଧାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ।


ସମୀକ୍ଷା ବୈଠକରେ ରାୟଗଡ଼ା ବିଧାୟକ, ଜିଲାପାଳ ଓ ଅଧିକାରୀମାନେ ।

# ଆସୁଛନ୍ତି ମାଆ,ନାଶିବେ ଦୁଃଖ, ଭାଙ୍ଗିବେ ଅହଂକାର

ଏମ୍‌ଭି ୭୯,୨୯।୯(ଡି.ଏନ.ଏ.)

ଆସୁଛନ୍ତି ମାଆ। ଶରତ କାଶତଣ୍ଡୀର ପସରା ଧରି ଓହ୍ଲାଇବେ ମର୍ତ୍ତ୍ୟପୃଷ୍ଠକୁ। ନାଶିବେ ଦୁଃଖ, ଭାଙ୍ଗିବେ ଅହଂକାର। ସେହି ମାଆ ଜଗଜ୍ଜନନୀ ଦୁର୍ଗାଙ୍କ ପାଇଁ ଏବେ ଚଳଚଞ୍ଚଳ ହୋଇପଡିଛି ସମଗ୍ର ପୃଥିବୀ। ଏଥିପାଇଁ ସବୁଠି ଚାଲିଛି ପ୍ରସ୍ତୁତି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଗଢ଼ିବାରେ ଶିଳ୍ପୀ ଥିବା ବେଳେ ପୂଜା ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ ମା'ଙ୍କ ପାଇଁ ସଜେଇ ଦେଉଛନ୍ତି ମଣ୍ଡପ। ଶକ୍ତିପୀଠଗୁଡ଼ିକରେ ଆରମ୍ଭ ହୋଇଯାଇଛି ଷୋଡ଼ଶ ଉପଚାର ପୂଜା। ମା'ଙ୍କୁ ସ୍ୱାଗତ ଜଣାଇବାକୁ ନଦୀପଠାରେ ହସୁଛି କାଶତଣ୍ଡୀ। ସଜେଇ ହେଉଛି ଅପରୂପା ପ୍ରକୃତି। ମାଲକାନଗିରି ଜିଲାର ବିଭିନ୍ନ ଦେବୀ ପୀଠରେ ଦେଖିବାକୁ ମିଳିଲାଣି ତୋରଣ ସ୍ଥାପତ୍ୟର କଳାକୃତି। ଘରେ ଘରେ ମା'ଙ୍କ ଆଗମନର ବାର୍ତ୍ତା ପହଞ୍ଚିଲାଣି। ମା'ଙ୍କୁ ସ୍ୱାଗତ କରିବା ଲାଗି ସମସ୍ତେ ବ୍ୟଗ୍ରତାର ସହ ଚାହିଁ ରହିଛନ୍ତି ସେହି ଶୁଭଲଗ୍ନକୁ।

# ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବିଷମକଟକ,୨୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଷମକଟକ ବ୍ଲକ ଅଧକ୍ଷା ଯଶୋଦା ହୁଇକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବରର ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଦସ୍ୟ ସୁଜାତା କାଡ୍ରାକା, ଉପାଧକ୍ଷ ଦେବୀ ପ୍ରସଦ ପଟ୍ଟନାୟକ, ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରଶେଖର କୁଶୁଲିଆ, ଡୁକୁମ ସରପଞ୍ଚ କିରଣ ସାରକା, ବିଡିଓ ସଦାଶିବ ନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବାଳମୁକୁନ୍ଦ ପାଳ ପରିଚାଳନ କରିବା ସହ ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ଯୋଗାଇ ଦେଉଥିବା ସୁବିଧା ବିଷୟରେ ଅବଗତ କରାଇଥିଲେ।

ଶିବିରରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଦିବ୍ୟାଙ୍ଗ ମହିଳା ପୁରୁଷ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ମୋଟ ୧୯୭ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିବା ବେଳେ ଚିକିତ୍ସା ନିମନ୍ତେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଏଲ.କେ. ସ୍ୱାଇଁ, ଭେଷଜ ବିଶେଷଜ୍ଞ ଡା.ଏଲ.ପି. ଦାଶ, ଇଏନ୍‌ଟି ବିଶେଷଜ୍ଞ ଡା. ମେଘନା ସାମନ୍ତରାୟ ଏବଂ ଡା. ସଂଘମିତ୍ରା ପାତ୍ର, ଡା. ସୁପ୍ରଭା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ୧୯୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏଥିସହ ଯେଉଁମାନଙ୍କୁ ଉନ୍ନତ ଚିକିତ୍ସାର ଆବଶ୍ୟକତା ରହିଛି ସେମାନଙ୍କୁ ଉନ୍ନତ ଚିକିତ୍ସା ନିମନ୍ତେ ଜିଲା ଚିକିତ୍ସାଳୟକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ମୁନା ତାଡିଙ୍ଗିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯକ୍ରମ ହୋଇଥିବାବେଳେ ସି. ପି. ଗୋପିନାଥ ମହାଙ୍କୁଡ଼, ସୁଧାକର ଗରଡିଆ, ବାସନ୍ତି ବିହାରୀଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୬୧ ବର୍ଷରେ ବ୍ରାହ୍ମଣସାହି ପୂଜା

ରାୟଗଡ଼ା ଅଫିସ,୨୯।୯

ରାୟଗଡ଼ା ସହରରେ ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ଧୂମଧାମରେ ପାଳନ ହେବ। ଏଥିପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆଗେଇ ଚାଲିଛି। କରୋନା ଯୋଗୁ ୨ ବର୍ଷ ପରେ ପୂଜା ଅନୁଷ୍ଠିତ ହେଉଥିବାରୁ ସହର ଏବେ ଚଳଚଞ୍ଚଳ। ମାଁଙ୍କୁ ସ୍ୱାଗତ କରିବାକୁ ସହରବାସୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଚଳିତ ଥର ରାୟଗଡ଼ା ସହରରେ ବ୍ରାହ୍ମଣ ସାହି, ଷ୍ଟେଟବ୍ୟାଙ୍କ ଛକ, ପୁରୁଣା ଥାନା ନିକଟରେ ଏବଂ ଜ୍ୟୋତି ମହଲ ଛକରେ ମାଁଙ୍କ ପୂଜା ଅନୁଷ୍ଠିତ ହେବ। ତେବେ ବ୍ରାହ୍ମଣ ସାହି ଏବଂ ଜ୍ୟୋତି ମହଲ ଛକ ମେଢ଼ ଅଧିକ ପ୍ରସିଦ୍ଧ।

ବ୍ରାହ୍ମଣ ସାହି କମିଟି ପକ୍ଷରୁ ଆୟୋଜିତ ପୂଜା ସର୍ବପୁରାତନ ବୋଲି କୁହାଯାଉଛି। ବ୍ରାହ୍ମଣ ସାହି ପୂଜା ୬୧ ବର୍ଷରେ ପଦାର୍ପଣ କରିଛି। ମହାଷଷ୍ଠୀଠାରୁ ଏଠାରେ ଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ଜିଲା ବାହାରୁ କାରିଗର ଆସି ଏଠାରେ ମୂର୍ତ୍ତି ତିଆରି କରିଛନ୍ତି। ୭ ଦିନ ଧରି ମାଁ ପୂଜା ପାଇବେ। ତେବେ ଏଠାରେ ନିରାଡମ୍ବର ପୂଜା ହେବ। ସୁସଜ୍ଜିତ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳା ଆକର୍ଷଣୀୟ ହୋଇଛି। ତେବେ ଏଥର ସାଂସ୍କୃତିକ ହେବ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ସର୍ବ ପୁରାତନ ପୂଜା ହୋଇଥିବାରୁ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ ବୋଲି କୁହାଯାଇଛି।



ସେହିପରି ଜ୍ୟୋତି ମହଲ ଛକ ଠାରେ ନିୟୁ ଟାଉନ ପୂଜା କମିଟି ପକ୍ଷରୁ ହୋଇଥିବା ମେଢ଼ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଚଳିତ ଥର ଏଠାରେ ପୂଜା ୨୨ ବର୍ଷରେ ପଦାର୍ପଣ କରିଛି। ପ୍ରତ୍ୟେକ ବର୍ଷ ମେଢ଼ ଦେଖିବାକୁ ଏଠାରେ ଭିଡ଼ ଜମିଥାଏ। ଚଳିତ ବର୍ଷ କମିଟି ପକ୍ଷରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ସମାରୋହ, ବୁଗି ବୁଗି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ କରାଯାଇଥିବାରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆଶା ରହିଥିବା ନିୟୁ ଟାଉନ ପୂଜା କମିଟିର ସଭାପତି ବ୍ରଜ ସୁନ୍ଦର ନାୟକ, ଦୁଷ୍ମନ୍ତ ମହାନ୍ତି, ବିନାୟକ କର ପ୍ରମୁଖ ପରିଚାଳନା କରୁଛନ୍ତି।



## ବ୍ଲକସ୍ତରୀୟ ସିଆର୍‌ସିସି ସଂଘ ଗଠିତ

ଡାବୁଗାଁ,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ବିଇଓଙ୍କ କାର୍ଯ୍ୟାଳୟ ସଭାଗୃହରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନାଙ୍କ ସଭାପତିତ୍ୱରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକସ୍ତରୀୟ ସିଆର୍‌ସିସି ସଂଘ ଗଠନ କରାଯାଇଛି। ଗୁପ୍ତପ୍ରସାଦ ନାଗ ସଭାପତି, ହେମନ୍ତ କୁମାର ପଣ୍ଡା ସମ୍ପାଦକ, ଶ୍ରୀକାନ୍ତ ପଣ୍ଡାଙ୍କୁ ସହସମ୍ପାଦକଭାବେ ମନୋନୀତ କରାଯାଇଥିଲା। ଏହି ବୈଠକରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧନଞ୍ଜୟ ବଡ଼ଜେନା, ପିଙ୍କି କୁମାରୀ ଗୁପ୍ତା, ଗୀତାଞ୍ଜଳି ବସ୍ତିଆ, ହେମେନ୍ଦ୍ର ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ପଠାଗଲା ଶହୀଦ ପୀଠର ମାଟି, ଟୁରୀ ନଦୀ ଜଳ

ପାପଡ଼ାହାଣ୍ଡି/ନବରଙ୍ଗପୁର, ୨୯।୯(ଡି.ଏନ୍.ଏ./ବି.ପ୍ର.)

ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମି ପାପଡ଼ାହାଣ୍ଡିର ଶହୀଦ ପୀଠର ମାଟି ଓ ଟୁରୀ ନଦୀର ପବିତ୍ର ଜଳ ପଠାଗଲା ରାଜଧାନୀ ଭୁବନେଶ୍ୱର। ସାରା ରାଜ୍ୟର ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁ ଓ ନଦୀର ଜଳ ଏକତ୍ରିତ ହୋଇ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ରଖାଯିବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ପାପଡ଼ାହାଣ୍ଡି ଶହୀଦ ପୀଠର ମାଟି ଓ ଟୁରୀ ନଦୀର ଜଳକୁ ଏହି ଅବସରରେ ପଠାଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଶହୀଦ ମିନାରରେ ପହଞ୍ଚିଥିଲା। ପ୍ରଥମେ ଟୁରୀ ନଦୀର ପବିତ୍ର ଜଳ ଓ ପରେ ଶହୀଦ ପୀଠର ମାଟି ଏକତ୍ରିତ କରାଯାଇ ପୁଷ୍ପମାଲ୍ୟ ଦିଆଯାଇଥିଲା। ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବାହାରିଥିବା ଅହିଂସା ରଥ ସହ ଏହି ମାଟି ଏବଂ ଜଳ ରଖାଯିବ। ଏହି ଅବସରରେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଏଡିଏମ୍ ଭାସ୍କର ରଇତ, ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ, ତହସିଲଦାର ଯୋଗେଶ୍ୱର ଭୋଇ, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ରାଜ୍ୟ ଶହୀଦ ସ୍ମୃତି କମିଟି ସଭାପତି ମନୋରଞ୍ଜନ ମିଶ୍ର, ଉପସଭାପତି ସୋମନାଥ ବିଶୋଇ, ବିଡିଓ ରଞ୍ଜିତା ମଲ୍ଲିକଙ୍କ ସହ ଡିଆଇପିଆର୍‌ଓ ହଳଧର ନିଆଲ, ସିଡିପିଓ ଏସ୍. ଗୀତା, ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବିଦ୍ୟାଳୟ ଛାତ୍ରୀଛାତ୍ର, ଏସ୍‌ଏଚ୍‌ଜି ମହିଳା ଓ ଖବରଦାତାମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଭାରତ ସ୍ୱାଧୀନତା ଆନ୍ଦୋଳନ ସମୟରେ ୨୪ ଅଗଷ୍ଟ ୧୯୪୨ରେ ନବରଙ୍ଗପୁର ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ବ୍ରିଟିଶ୍ ପୋଲିସ ଆଖିବୁଜା ଗୁଳିମାଡ଼ କରିଥିଲା। ଏଥିରେ ଟୁରୀ ନଦୀ କୂଳରେ ଅନେକ ସଂଗ୍ରାମୀ ଶହୀଦ ହୋଇଥିଲେ।



ଟୁରୀ ନଦୀରୁ ଜଳ ସଂଗ୍ରହ କରାଯିବା ଅବସରରେ ଜିଲାପାଳ, ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି ଓ ଅନ୍ୟମାନେ।

# ଧୁମ୍‌ଧାମରେ ଚାଲିଛି ନବରାତ୍ରି ପୂଜା

ରାଇଘର, ୨୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମା ପେଣ୍ଡ୍ରାଣୀଙ୍କ ପୀଠ, କଳସୀଗୁଡ଼ି ଠାକୁରାଣୀ ପୀଠ , ମାଉଳି ମା, ଭୀମା ଛକ ଓ ବିଭିନ୍ନ ସ୍ଥାନରେ ଆଡମ୍ବର ସହକାରେ ନବରାତ୍ରି ପୂଜା ଆରମ୍ଭ ହୋଇଯାଇଛି। ଫଳରେ ମା' ଙ୍କ ପୀଠ ଚଳଚଞ୍ଚଳ ହୋଇପଡିଛି। ୨ବର୍ଷ କରୋନା ପାଇଁ ବିଭିନ୍ନ ପର୍ବ ପର୍ବାଣି ଉପରେ ରୋକ୍ ଲଗାଯାଇଥିଲା। କିନ୍ତୁ ଚଳିତ ବର୍ଷ କରୋନା ପ୍ରକୋପ ନ ଥିବାରୁ ଧୁମଧାମରେ ନବରାତ୍ରି ପୂଜା ପାଳିତ ହେଉଛି। ଯଥାରୀତି ଅନୁଯାୟୀ କଳସଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରତିପଦାରେ ଶୈଳପୁତ୍ରୀ, ଦ୍ୱିତୀୟାରେ ବ୍ରହ୍ମଚାରିଣୀ ପୂଜା, ତୃତୀୟାରେ ଚନ୍ଦ୍ରଘଣ୍ଟା, ଚତୁର୍ଥୀରେ କୁଷମାଣ୍ଡା, ପଞ୍ଚମୀରେ ସ୍କନ୍ଦମାତା, ଷଷ୍ଠୀରେ କାତ୍ୟାୟିନୀ, ସପ୍ତମୀରେ କାଳରାତ୍ରି, ଅଷ୍ଟମୀରେ ମହାଗୌରୀ, ନବମୀରେ ସିଦ୍ଧିଗୌରୀ ପୂଜା ଅନୁଷ୍ଠିତ ହେବ। ଏହି ନବରାତ୍ରି ପୂଜା ନଅଦିନ ଧରି ଚାଲିବ। ଏହାମଧ୍ୟରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନବରାତ୍ରି ପୂଜା କମିଟିର ସଦସ୍ୟ ପ୍ରକାଶ କରିଛନ୍ତି।



କଳସ ଶୋଭାଯାତ୍ରା ନଗର ପରିକ୍ରମା କରୁଛି।

## ସଂକ୍ଷେପରେ

### ତେନ୍ତୁଳିଖୁଣ୍ଟି ଲ୍ୟାମ୍ପ୍‌ସର ସାଧାରଣ ପରିଷଦ ବୈଠକ

ତେନ୍ତୁଳିଖୁଣ୍ଟି, ୨୯।୯(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଲ୍ୟାମ୍ପ୍‌ସର ସାଧାରଣ ପରିଷଦ ବୈଠକ ସଭାପତି ଅଖିଳ ଭତ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ୍‌ସ ଏମ୍‌ଡି ନରେଶ ଚନ୍ଦ୍ର ଦାସ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ଚଳିତ ଖରିଫ ଋତୁରେ ଚାଷୀମାନେ ସାର ତଥା ବିହନର ଅଭାବ ଗତ ବର୍ଷ ତୁଳନାରେ କମ୍ ଅନୁଭବ କରିଛନ୍ତି। କିନ୍ତୁ ଅଭାବକୁ ଆସନ୍ତା ଖରିଫ୍‌ଋତୁରେ ସମ୍ପୂର୍ଣ୍ଣ ବନ୍ଦ କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଚଳିତ ଖରିଫ ଋତୁରେ ମଣ୍ଡି ପଞ୍ଜୀକରଣ ଶେଷ ହୋଇଛି। କିନ୍ତୁ ଗତ ବର୍ଷ ଭଳି ଲ୍ୟାମ୍ପ୍‌ସ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଖରିଦରେ ବିଳମ୍ବ ହୋଇଥିଲା। ଏଣୁ ଚଳିତ ଋତୁରେ ସେହି ସମସ୍ୟା ଖରିଫ ଆରମ୍ଭ ପୂର୍ବରୁ ସମାଧାନ କରିବାକୁ ନିର୍ଦ୍ଦେଶକମାନେ ମତ ରଖିଥିଲେ। ବରିଷ୍ଠ ନିର୍ଦ୍ଦେଶକ ବାରିଜ ପଟ୍ଟନାୟକ ,ଉମାଶଙ୍କର ନାୟକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ମଦ, ଗଞ୍ଜେଇ ଜବତ

ପାପଡ଼ାହାଣ୍ଡି,୨୯।୯(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପୋଲିସ ଓ ଅବକାରୀ ପୋଲିସ ମିଳିତଭାବେ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉକରି ୨ କେଜି ଗଞ୍ଜେଇ ସହ ୧୦୫ ଲିଟର ମଦ ଏବଂ ୧ହଜାର ଲିଟର ପୋଚ ନଷ୍ଟ କରିଛି। ଜିଲା ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଅବକାରୀ ଆଇଆଇସି ସୁଧୀର ସାହୁ, ପାପଡ଼ାହାଣ୍ଡି ଥାନାଧିକାରୀ ରାମେଶ୍ୱର ପ୍ରଧାନ, ଅବକାରୀ ଓଆଇସି ଅମିୟ ଖଞ୍ଜ ପ୍ରମୁଖ ଚଢ଼ାଉର ନେତୃତ୍ୱ ନେଇଥିଲେ। ଦଳେଇଗୁଡ଼ା ଛକ ନିକଟରେ ଶଙ୍କର ଭତରା, ପର୍ଶୁ ବିନ୍ଧାଣିଙ୍କଠାରୁ ୨ କେଜି ଗଞ୍ଜେଇ ଜବତ କରାଯାଇଥିଲା। ସେହିପରି ତୁମ୍ଭର୍ଲା ଗ୍ରାମର ମଦନ ବିଷୋୟୀ, ପାପଡ଼ାହାଣ୍ଡିର କରୁଣା ନାୟକ ଓ ଧନସୁଲି ଗ୍ରାମର ଦୈତାରୀ ବିଷୋୟୀ, ପୂର୍ଣ୍ଣଚନ୍ଦ୍ର ବିଶୋଇଙ୍କଠାରୁ ମଦ ଜବତ କରାଯାଇଛି। ଜବତ ୧୦୦୦ଲିଟର ପୋଚକୁ ନଷ୍ଟ କରାଯାଇଛି। ଚଢ଼ାଉରେ ଅବକାରୀ ଏଏସ୍‌ଆଇ ରାଜେନ୍ଦ୍ର ପଟ୍ଟନାୟକ, ବାଳକୃଷ୍ଣ ନାୟକ, ଗୋତୁଲ ନାୟକ, ସୋନୁ ସେଠିଆ, ରଞ୍ଜିତ ସିଂ, ରୀନା ବଡ଼ନାୟକ ପ୍ରମୁଖ ସାମିଲ ଥିଲେ।

### ଜୟନ୍ତୀ ପଟ୍ଟନାୟକଙ୍କ ସ୍ମୃତିସଭା

ନବରଙ୍ଗପୁର,୨୯।୯(ବି.ପ୍ର.)
ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହଧର୍ମିଣୀ ତଥା ପୂର୍ବତନ ଏମ୍‌ପି ଜୟନ୍ତୀ ପଟ୍ଟନାୟକଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ଗୁରୁବାର ନବରଙ୍ଗପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ସର୍ବଦଳୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ କରାଯାଇଛି। ସ୍ୱର୍ଗତ ପଟ୍ଟନାୟକ ଭାରତବର୍ଷର ପ୍ରଥମ ମହିଳା କମିଶନର ଓ ସର୍ବଭାରତୀୟ ମହିଳା କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷା ଥିଲେ। ଜଣେ ସ୍ତମ୍ଭକାର ଓ ସାହିତ୍ୟିକ ଭାବେ ସେ ଜଣାଶୁଣା ବୋଲି ମୁନା ତ୍ରିପାଠୀ କହିଥିଲେ। ପୂର୍ବତନ ବିଧାୟକ ସଦନ ନାୟକ, ପୂର୍ବତନ ବିଧାୟକ ଭୁଜବଳ ମାଝି, ଗଣେଶ ଦାସ, ଜିଲା ଯୁବକଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ଜିଲା କଂଗ୍ରେସ ଉପସଭାପତି ଧରମ ସିଂ, ଜିଲା ପରିଷଦ ସଭ୍ୟା ଲିପିକା ମାଝି, ଯୁଗଧର ହରିଜନ, ବଂଶୀଧର ମାଝି, ବୃନ୍ଦା ତ୍ରିପାଠୀ ଓ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ନିଆଁ

**ପୋଡ଼ିଗଲା କମ୍ପ୍ୟୁଟର, ବ୍ୟାଙ୍କ ସମ୍ବନ୍ଧୀୟ ଜରୁରୀ କାଗଜପତ୍ର**

ନବରଙ୍ଗପୁର/ନନ୍ଦାହାଣ୍ଡି, ୨୯।୯(ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଡଙ୍ଗରଭେଜା ଗ୍ରାମସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ନନ୍ଦାହାଣ୍ଡି ଶାଖାରେ ଗୁରୁବାର ସକାଳେ ନିଆଁ ଲାଗିଯାଇଛି। ଫଳରେ ବ୍ୟାଙ୍କ ଭିତରେ ଥିବା କମ୍ପ୍ୟୁଟର ଓ ବ୍ୟାଙ୍କ ସମ୍ବନ୍ଧୀୟ ଅନେକ ଜରୁରୀ କାଗଜପତ୍ର ପୋଡ଼ିଯାଇଛି।

ସୂଚନାନୁଯାୟୀ, ଗୁରୁବାର ସକାଳେ ବ୍ୟାଙ୍କ ମେସେଞ୍ଜର ନିଆଁ ଲାଗିଯାଇଥିବା ଖବର ପାଇ ମ୍ୟାନେଜର ଗୋହର ତଓ୍ୱାରୀ ଖାନ୍ ଓ ନନ୍ଦାହାଣ୍ଡି ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ। ପ୍ରାଥମିକ ତଦନ୍ତରୁ ଏହା ଶର୍ଟ ସର୍କିଟରୁ ନିଆ ଲାଗିଥିବା ଅନୁମାନ କରାଯାଉଛି। ତେବେ ନିଆଁ ଲାଗି ବ୍ୟାଙ୍କରେ ଥିବା ୩ ଟି କମ୍ପ୍ୟୁଟର, ସର୍ଭର ବକ୍ସ, ରାଉଟର, ମୋଡେମ, ସିସି ଟିଭି କ୍ୟାମେରା ଏବଂ ହାର୍ଡ ଡିସ୍କ, ପ୍ରିଣ୍ଟର, ଚେୟାର ଟେବୁଲ ପୋଡ଼ିଯାଇଛି। ବ୍ୟାଙ୍କର ଅନେକ ଜରୁରୀ ତଥ୍ୟ ସହ ଗ୍ରାହକଙ୍କ ସମ୍ବନ୍ଧିତ ଅନେକ ଜରୁରୀ କାଗଜପତ୍ର ପୋଡ଼ି ଯାଇଥିବା ସୂଚନା ମିଳିଛି। କେମିତି ନିଆଁ ଲାଗିଲା, କେଉଁ କେଉଁ ଜିନିଷ ପୋଡିଛି ସେନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ବ୍ୟାଙ୍କ ମ୍ୟାନେଜର କହିଛନ୍ତି।



ପୋଡ଼ିଯାଇଥିବା କାଗଜପତ୍ର।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ନୂତନ କମିଟି ଗଠିତ

ଚନ୍ଦାହାଣ୍ଡି, ୨୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦରସ୍ଥିତ କଲ୍ୟାଣ ମଣ୍ଡପରେ ସନ୍ତୋଷ ଜଗତଙ୍କ ସଭାପତିତ୍ୱରେ ସମସ୍ତ ବିଭାଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଏକ ବୈଠକ ଆୟୋଜିତ ହୋଇଥିଲା। ସଭାରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପରେ ସ୍ୱର୍ଗତ କର୍ମଚାରୀଙ୍କ ସଦ୍‌ଗତି ନିମନ୍ତେ ପ୍ରଥମେ ନୀରବ ପ୍ରାର୍ଥନା ସହ ସଭା ପ୍ରାରମ୍ଭ କରାଯାଇଥିଲା। ବୈଠକରେ ସର୍ବ ପ୍ରଥମେ ସମସ୍ତ ବିଭାଗର ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତଙ୍କ ପାସ୍ ବହିକୁ ନୂତନ ଷ୍ଟେଟ ବ୍ୟାଙ୍କ ଚନ୍ଦାହାଣ୍ଡି ଶାଖାକୁ ସ୍ଥାନାନ୍ତର, ପୁରୁଣା କମିଟି ସଦସ୍ୟଙ୍କ ବୟସାଧିକ ଯୋଗୁ ସାମୂହିକ ଇସ୍ତଫା ଫଳରେ ନୂତନ କମିଟି ଚୟନ ନିଷ୍ପତ୍ତି ହୋଇଥିଲା। ପୁରୁଷୋତ୍ତମ ପାରୀ ସଭାପତି, ଦୁତିବାହାନ ଖମାରୀ ଉପସଭାପତି, ଲକ୍ଷ୍ମଣ ସାହୁ ସାଧାରଣ ସମ୍ପାଦକ, ମାଧବ ଦାଶ ସହ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଭାବେ ଚୈତୁରାମ ଦଣ୍ଡସେନାଙ୍କୁ ମନୋନୀତ କରାଯାଇଛି। ସଂଘ ଉପଦେଷ୍ଟା କମିଟିରେ ସନ୍ତୋଷ ଜଗତ, ଧନୁ ନାୟକ, ବଦନ ରାମ ପାଣ୍ଡେ, ମୀନକେତନ ସାହୁ, କୈଳାସ ମହାପାତ୍ର ଓ କ୍ଷମାନିଧି ବେଶ୍ରାଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଜ୍ୟୋତ୍ସ୍ନାରାଣୀ ସୁନାନୀ, ଦେବିସିଂ ଗୌଡ଼, ଭିକାରୀ ଚରଣ ନାୟକ, ପବିତ୍ର ମୋହନ ସାହୁ, ଲାଲମୋହନ ଧୁରୁଆ, ରାଜେନ୍ଦ୍ର ଖମାରୀ, କଳିଙ୍ଗ ସିଂ ପଟେଲ, ମସ୍ତୁରମ ବଗର୍ତ୍ତି, ଅକ୍ଷୟ ଗୋପାଳ,ସୁରବନ ଗଣ୍ଡ, ସୋମନାଥ ଗୋଲାରୀ, କନହେଇ ଦଣ୍ଡସେନା, ବିଶ୍ୱମ୍ଭର ମାଝି ମନୋନୀତ ହୋଇଛନ୍ତି। କମିଟି ନିରୀକ୍ଷକ ଭାବେ ମଧୁକର ଦାଶ, ସରଜୁ ମୁଣ୍ଡ ଓ ନରେଶ୍ୱର ବେଶ୍ରାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ତାମ୍ରଧ୍ୱଜ ବାଘ, କମଳ ଲୋଚନ ସାହୁ, ଦୁର୍ଯ୍ୟୋଧନ ନାଗ, ପ୍ରେମାନନ୍ଦ ସୁନାନୀ, ଜନ୍ମେଜୟ ବେଶ୍ରା, ସୁବାସ ଚନ୍ଦ୍ର ମାଝି, ମୋହନ ସାହୁ, ଚନ୍ଦ୍ରଭାନୁ ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ।



# ଯୁବ ବିଜେଡି ସଭାପତି, ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



ତେନ୍ତୁଳିଖୁଣ୍ଟି,୨୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ନାଗଙ୍କ ସଭାପତିତ୍ୱରେ ନବନିଯୁକ୍ତ ବ୍ଲକ ଯୁବ ବିଜେଡି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ସୁରେଶ ନାୟକ ଓ ସମ୍ପାଦକ ବାବୁନ ନାୟକଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସମ୍ପାଦକ ତଥା ସମିତି ସଭ୍ୟ ସୁଧୀର ଖୁରା, ବାବୁଲା ନାୟକ, ଲ୍ୟାମ୍ପ୍‌ସ ସଭାପତି ଅଖିଳ ଭତ୍ରା, ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ବାରିଜ ପଟ୍ଟନାୟକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର




ବୈଠକରେ ମଞ୍ଚାସୀନ ଅତିଥିମାନେ।

ଚନ୍ଦାହାଣ୍ଡି, ୨୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତରେ ଜାତୀୟ ମହିଳା ଅଧିକାର ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ଜେଏମ୍‌ଏଫ୍‌ସି ତଥା ତାଲୁକ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ହିମାଂଶୁ ଶେଖର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ବୈଠକ ଆୟୋଜିତ ହୋଇଯାଇଛି। ମହିଳାମାନେ ଆଇନଗତ ସଶକ୍ତୀକରଣ ହେବାସହ ସେମାନଙ୍କୁ ଯେପରି ତ୍ୱରିତ ନ୍ୟାୟ ମିଳିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଅତିଥି ଭାବେ ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି, ମହିଳା ଓ ଶିଶୁ ବିକାଶ ଅଧିକାରୀ ସୈରେନ୍ଦ୍ରୀ ମହାନନ୍ଦ, ଡାକ୍ତର ଦୁର୍ଗାପ୍ରସାଦ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଯୁବ ଆଇନଜୀବୀ କ୍ଷେମରାଜ ବାଘ ପରିଚାଳନା କରିଥିବାବେଳେ ଆଇନଜୀବୀ ଜୟଦେବ ଖମାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସରୋଜ ଅଗସ୍ତି, ମହମ୍ମଦ ହୁସେନ, ହୁମେଶ୍ୱର ହଂସ, ଭୀଷ୍ମ ସୁନା, ହୀରାଧର ମାଳି, କୋର୍ଟ କର୍ମଚାରୀ ସର୍ବେଶ୍ୱର ପୂଜାରୀ, ଆଶିଷ ସାହୁ, ସୀମାଞ୍ଚଳ ଗଣ୍ଡା, ବଂଶୀ ନାୟକ, କ୍ଷୀରୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହମ୍ମଦ ହୁସେନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ପୋଷଣ ମାସ, ସ୍ୱଚ୍ଛତା ପକ୍ଷ ପାଳନ

ଡାବୁଗାଁ, ୨୯।୯(ଡି.ଏନ୍.ଏ.)

ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ ଓ ସ୍ୱଚ୍ଛତା ପକ୍ଷ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାଗୃହରେ ଛାତ୍ରୀମାନେ ବିଭିନ୍ନ ଖାଦ୍ୟ ସାମଗ୍ରୀ ସୁନ୍ଦର ଭାବେ ସଜାଇ ରଖିଥିଲେ। ପ୍ରଧାନ ଶିକ୍ଷକ ତଥା ଅଧ୍ୟକ୍ଷ ସୁକାନ୍ତ କୁମାର ସ୍ୱାଇଁ ଛାତ୍ରୀମାନଙ୍କୁ ପୋଷଣ ମାସ ପାଳନର ଉଦ୍ଦେଶ୍ୟ ଓ ବିଭିନ୍ନ ଖାଦ୍ୟସାର ସମ୍ବନ୍ଧରେ ବୁଝାଇଥିଲେ। ବିଜ୍ଞାନ ଶିକ୍ଷକ ମହେଶ୍ୱର ନାଥ ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଖଣିଜ ଲବଣ କେଉଁ ଖାଦ୍ୟରେ କେତେ ପରିମାଣର ଥାଏ ତାହା ବୁଝାଇଥିଲେ। ଖାଦ୍ୟସାର ଅଭାବ ହେଲେ ଶରୀରର କ'ଣ ଅସୁବିଧା ହୁଏ ଏବଂ ଶରୀର ଗଠନରେ ବିଭିନ୍ନ ଖାଦ୍ୟର ଭୂମିକା ସମ୍ବନ୍ଧରେ ଛାତ୍ରୀ ଚୁମୁକି ତନ୍ତୀ ଓ ସୀମା ନାୟକ କହିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ରଶ୍ମିରାଣୀ ପଣ୍ଡା ସ୍ୱଚ୍ଛତା ସମ୍ବନ୍ଧରେ ବୁଝାଇବା ସହ ଏହାର ସୁଫଳ ସମ୍ପର୍କରେ ଛାତ୍ରୀମାନଙ୍କୁ କହିଥିଲେ। ସ୍ୱଚ୍ଛତା ପକ୍ଷ ସମ୍ବନ୍ଧରେ ଛାତ୍ରୀମାନଙ୍କ ମଧ୍ୟରେ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀମାନେ ବିଦ୍ୟାଳୟ ପରିବେଶ ସଫା କରିଥିଲେ।



ଛାତ୍ରୀମାନେ ବିଭିନ୍ନ ପୋଷଣଯୁକ୍ତ ଖାଦ୍ୟ ସାମଗ୍ରୀ ସଜେଇ ରଖିଛନ୍ତି।

# ଗଛ ପଡ଼ି ଭାଙ୍ଗିଲା ସ୍କୁଲ ରୋଷେଇଘର

ଡାବୁଗାଁ, ୨୯।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତ ସଦର ମହକୁମାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ରୋଷେଇଘର ଉପରେ ଏକ ବଡ଼ ଶିମିଳିଗଛ ପଡ଼ି ତାହା ଭାଙ୍ଗିଯାଇଛି। ଫଳରେ ଏବେ ପିଲାଙ୍କ ପାଇଁ ବାହାରେ ରୋଷେଇ ହେଉଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ଏବେ ସେମାନଙ୍କର ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ଅବଲମ୍ବନ କଷ୍ଟକର ହୋଇପଡୁଛି। ଏଣୁ ତୁରନ୍ତ ଉକ୍ତ ସ୍କୁଲରେ ରୋଷେଇଘର ତିଆରିକରିବାକୁ ଛାତ୍ରୀଛାତ୍ର, ଅଭିଭାବକ, ବୁଦ୍ଧିଜୀବୀ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ୧୭ ବର୍ଷରୁ କମ୍ ଫୁଟ୍‌ବଲ ଦଳ ଚୟନ

ଡାବୁଗାଁ, ୨୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଓ ଡ୍ରାମା ଏବଂ ୧୭ ବର୍ଷରୁ କମ୍ ଫୁଟ୍‌ବଲ ଦଳ ଚୟନ କାର୍ଯ୍ୟକ୍ରମ ଏବିଇଓ ସମରେନ୍ଦ୍ର ଭୌମିକଙ୍କ ତତ୍ତ୍ୱାବଧାନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ମୋଟ ୧୫ ସ୍କୁଲ ବିଜ୍ଞାନ ସେମିନାର ଓ ଡ୍ରାମାରେ ଭାଗ ନେଇଥିଲେ। ବିଚାରପତିଭାବେ ଶିକ୍ଷକ କମଳାକାନ୍ତ ସାହୁ, ଗୁପ୍ତପ୍ରସାଦ ନାଗ ଦାୟିତ୍ୱ ତୁଲାଇଥିଲେ। ବିଜ୍ଞାନ ସେମିନାରରେ ଜି. ବିନ୍ଦୁସାଗର ଓ ଡ୍ରାମାରେ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସେହିପରି ବାଳିକାବାଳକ ବିଭାଗ ୧୭ ବର୍ଷରୁ କମ୍ ବ୍ଲକସ୍ତରୀୟ ଫିଫା ଫୁଟ୍‌ବଲ ଟୁର୍ନାମେଣ୍ଟ ମଧ୍ୟ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୬୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରୁ ବାଳିକା ଓ ବାଳକ ବିଭାଗରେ ୧୫ ଜଣିଆ ଟିମ୍ ଚୟନ କରାଯାଇଛି। ଚୟନ ହୋଇଥିବା ଏହି ୨ ଦଳ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ଖେଳ ଶିକ୍ଷକ ହେମନ୍ତ କୁମାର ସାମଲ ଓ ରଞ୍ଜନ କୁମାର ପରିଡା ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ପ୍ରସନ୍ନ କୁମାର ଦଣ୍ଡସେନା, ଧନଞ୍ଜୟ ବଡଜେନା, ପିଙ୍କି କୁମାରୀ ଗୁପ୍ତା, ଗୀତାଞ୍ଜଳି ବସ୍ତିଆ, ହେମେନ୍ଦ୍ର ନାଥ ବେହେରା ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।



ଫୁଟ୍‌ବଲ ଚୟନ ଶିବିରରେ ଭାଗନେଇଥିବା ଛାତ୍ରୀଛାତ୍ର।

# ପ୍ରତିଯୋଗିତାରେ ନିଷ୍ଠି ପ୍ରତିଭା ପ୍ରଦର୍ଶନ କରିବାକୁ ପରାମର୍ଶ

- ନବରଙ୍ଗପୁର କଲେଜ ସୁବର୍ଣ୍ଣ ଜୟନ୍ତୀ
- ଆଲୁମ୍‌ନି କମିଟିର ପ୍ରସ୍ତୁତି ଆରମ୍ଭ

ନବରଙ୍ଗପୁର,୨୯।୯(ବି.ପ୍ର.)

ନବରଙ୍ଗପୁର ଆଲୁମ୍‌ନି କମିଟିର ପୂର୍ଣ୍ଣାଙ୍ଗ କମିଟି ଓ ସବ୍ କମିଟି ଗଠନ ପରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଗଣେଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବରୁ ସର୍ବସମ୍ମତି କ୍ରମେ ଗଠନ କରାଯାଇଥିବା ବିଭିନ୍ନ କମିଟି ଓ ଏହାର କୋଅର୍ଡିନେଟର ଓ ଅନ୍ୟମାନଙ୍କ ନାମ ପ୍ରକାଶ କରି ସାର୍ବଜନୀନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଏହି କ୍ରମରେ ଅଭ୍ୟର୍ଥନା କମିଟିରେ ଅମିତାଭ ତ୍ରିପାଠୀ, ବିଧୁଶେଖର ତ୍ରିପାଠୀ, ସାଂସ୍କୃତିକ କମିଟିରେ ସୁରେଶ ମହାନ୍ତି ଓ ୱାଇ. ଭେଙ୍କଟେଶ୍ୱରୀ, କ୍ରୀଡା କମିଟିରେ ପ୍ରହଲ୍ଲାଦ ତ୍ରିପାଠୀ, ସରୋଜ ପଟ୍ଟନାୟକ, ଲୋକ ସମ୍ପର୍କ ଓ ମିଡିଆ ମ୍ୟାନେଜମେଣ୍ଟ କମିଟିରେ କିଶୋର ପଟ୍ଟନାୟକ, ସାହିତ୍ୟ ଓ ସ୍ମରଣିକା କମିଟିରେ ଅଶୋକ ପଟ୍ଟନାୟକ, ଦିଲୀପ ହୋତା, ଷ୍ଟେଜ କମିଟିରେ ସୀମାଞ୍ଚଳ ରଥ, ମୃତ୍ୟୁଞ୍ଜୟ ଦାସ, ଅତିଥି ଯୋଗାଯୋଗ କମିଟିରେ ଦିଲୁ ପଣ୍ଡା, କାହ୍ନୁ ଦାସ, ଅର୍ଥ କମିଟିରେ ତାପସ ତ୍ରିପାଠୀ, ସରୋଜ ପାତ୍ର, ଶୋଭାଯାତ୍ରା କମିଟିରେ କାହ୍ନୁ ଦାସ, ଏନ୍‌ଆର୍‌ଏନ୍ କମିଟିରେ ସାନମୁଗା ପାତ୍ର ଏବଂ ଖାଦ୍ୟ କମିଟିରେ ମନୋହର ରନ୍ଧାରୀ, ମନୋଜ ପାଢ଼ୀ ପ୍ରମୁଖ ଅଛନ୍ତି। ବୈଠକରେ ସ୍ୱର୍ଣ୍ଣ ଜୟନ୍ତୀ ପାଳନ ତାରିଖ ନିର୍ଦ୍ଧାରଣ ଓ ଅତିଥିଙ୍କୁ ଯୋଗାଯୋଗ କରିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା। କମ୍ ଦିନରେ ସ୍ୱର୍ଣ୍ଣ ଜୟନ୍ତୀ ପାଳନ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାପରେ ନାଟକ, ସଙ୍ଗୀତ ବିଚିତ୍ରା, ଯନ୍ତ୍ର ସଙ୍ଗୀତ, ନାଚ, ଖେଳ କୁଦ ଏଭଳି ବିଭିନ୍ନ ପ୍ରତିଯୋଗିତା କରାଯିବ। ଏହିସବୁ ପ୍ରତିଯୋଗିତାରେ ସାମିଲ ହୋଇ ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ସଭାପତିଙ୍କ ସମେତ ଉପସଭାପତି ୱାଇ. ପ୍ରଭାକର ପାତ୍ର, ଅଜିତ ପାତ୍ର, ସମ୍ପାଦକ ସଙ୍ଗୀତା ତ୍ରିପାଠୀ ଏବଂ କୋଷାଧ୍ୟକ୍ଷ ଦୁର୍ଗା ପାଢ଼ୀ ଆହ୍ୱାନ ଦେଇଛନ୍ତି। ସମସ୍ତ ପ୍ରତିଯୋଗିତା ପାଇଁ ଟାଉନ ହଲ୍ ଆଦି ସ୍ଥାନ ନିରୂପଣ କରାଯାଇଛ ବୋଲି ସହ ସମ୍ପାଦକ ଦେବଦାସ ମହାକୁଡ କହିଛନ୍ତି। ବୈଠକରେ କମିଟିର ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟା ସ୍ୱର୍ଣ୍ଣଲତା ପଟ୍ଟନାୟକ, ସଦସ୍ୟ କିଶୋର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁରେଶ ମହାନ୍ତି, ବାଲାଜୀ ସାହୁଙ୍କ ସମେତ ଶୋଭାଯାତ୍ରା କମିଟି କୋଅର୍ଡିନେଟର କାହ୍ନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୁଚନା ଯୋଗ୍ୟ ଯେ ସୁବର୍ଣ୍ଣ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ କଲେଜ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ପଡ଼ିଆରେ ପକ୍କା ମଞ୍ଚ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଅଛି। ଜିଲାପାଳ ତଥା କମିଟି ଅଧ୍ୟକ୍ଷ ଡ. କମଳ ଲୋଚନ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମଞ୍ଚ ନିର୍ମାଣ ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି।

**ସଂକ୍ଷେପରେ**

## ହୋଟେଲ, ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ



ଜୟପୁର,୨୯।୯(ନି.ପ୍ର.)-ଜୟପୁର ପୌରପାଳିକା ଓ ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରବାସ ସେଠୀ ମିଳିତ ଭାବେ ଜୟପୁର ସହରର ବିଭିନ୍ନ ହୋଟେଲ ଉପରେ ଗୁରୁବାର ଚଢ଼ାଉ କରିଛନ୍ତି। ଖାଦ୍ୟର ମାନ ଯାଞ୍ଚ ସହ ସଫାସୁତୁରା ଉପରେ ଗୁରୁତ୍ୱାରୋପ କରାଯାଇଛି। ୭ଟି ହୋଟେଲ ଉପରେ ଚଢ଼ାଉ କରି ୧୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି । ସହରର ହୋଟେଲ ଲୋକେଶରେ ଚଢ଼ାଉ କରି ୬ ହଜାର ଟଙ୍କା, ଏମ୍‌ଜି ରୋଡ୍‌ର ବେକେରିରେ ଚଢ଼ାଉକରି ୧ ହଜାର ଟଙ୍କା, ଏମ୍‌ଜି ରୋଡ୍‌ର ସୁରିୟା ସୁଇଟ୍ସରେ ଚଢ଼ାଉ କରି ୨ ହଜାର ଟଙ୍କା, ହୋଟେଲ ସାଇକ୍ରିଷ୍ଣାରେ ଚଢ଼ାଉକରି ୨ ହଜାର ଟଙ୍କା, ହୋଟେଲ ଅପ୍ସରାରେ ଚଢ଼ାଉ କରି ୩ ହଜାର ଟଙ୍କା, ହୋଟେଲ ମହାରାଜାରେ ଚଢ଼ାଉ କରି ୩ ହଜାର ଟଙ୍କା ଓ ଫ୍ରେଶ୍ ବେକେରିରେ ଚଢ଼ାଉକରି ୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ଟିମ୍ ଚଢ଼ାଉ ବେଳେ ବାସିଖାଦ୍ୟକୁ ନଷ୍ଟକରିବା ସହ ଏକ୍ସପାଏରି ପ୍ୟାକେଟ ମଧ ନଷ୍ଟ କରିଥିବା ଜଣାପଡ଼ିଛି ।

# ମେଡିକାଲ ପାଚେରି ଭୁଶୁଡ଼ି ଜଣେ ମୃତ: ୨ ଗାଡ଼ି ନଷ୍ଟ

**କୋରାପୁଟ, ୨୯।୯(ସ୍ୱ.ପ୍ର.)**

କୋରାପୁଟ ସହରରେ ବୁଧବାର ରାତିରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଛି। ଏଥିରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ପାଚେରି ଭୁଶୁଡ଼ିପଡ଼ିଛି । ଏହି ସମୟରେ ପାଚେରି ତଳେ ଚାପି ହୋଇ ଜଣେ ସ୍କୁଟିଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସହରର ଯୁବ ବ୍ୟବସାୟୀ ଅନିଲ ଚୌଧୁରୀ। ପାଚେରି ତଳେ ସ୍କୁଟି ସହ ଗୋଟିଏ କାର ରହି ନଷ୍ଟ ହୋଇଯାଇଛି । ଖବରରୁ ଜଣାପଡିଛି, ବୁଧବାର ସନ୍ଧ୍ୟାରୁ କୋରାପୁଟ ସହରରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଏହି ବର୍ଷାରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଆହାରକେନ୍ଦ୍ର ପଛପଟେ ଥିବା ପାଚେରି ଭୁଶୁଡି ପଡିଥିଲା। ଏହି ସମୟରେ ସେହିପଟେ କିଛି ଖାଦ୍ୟ ପାର୍ସଲ ନେଇ ସ୍କୁଟିରେ ଯାଉଥିବା ଅନିଲଙ୍କ ଉପରେ ପାଚେରି କାନ୍ଥ ପଡିଯିବାରୁ ଘଟଣା ସ୍ଥଳରେ ସେ ଗୁରୁତର ହୋଇପଡିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ମୃତ ଅନିଲ ସହରର ପୋଷ୍ଟ ଅଫିସ ନିକଟରେ ଥିବା ଚୌଧୁରୀ ପ୍ୟାଲେସର ମାଲିକଙ୍କ ଭାଇ ବୋଲି ଜଣାପଡିଛି ।



ପାଚେରି ଭୁଶୁଡି ନଷ୍ଟ ହୋଇଥିବା ଗାଡି ।

**କୋରାପୁଟ ସହରରେ ପ୍ରବଳ ବର୍ଷା**

**ପାଠିକା/ପାଠକଙ୍କ ନିମନ୍ତେ ସୂଚନା**

ଧରିତ୍ରୀ ସେଲ୍ଫି ସ୍ତମ୍ଭ ପ୍ରକାଶ ପାଉଛି। ଏଥିପାଇଁ ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲଫିକୁ rgdselfie@gmail.com ମେଲ୍ ଆଇଡିରେ ପଠାନ୍ତୁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ। ଫଟୋ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲିବେ ନାହିଁ।

# ନାରାୟଣପାଟଣା ବିଡିଓ ନିଲମ୍ବିତ

**କୋରାପୁଟ/ନାରାୟଣପାଟଣା/ ନବରଙ୍ଗପୁର,୨୯।୯(ସ୍ୱ.ପ୍ର./ ଡି.ଏନ.ଏ./ବି.ପ୍ର.)**

ଦୁର୍ନୀତି ଅଭିଯୋଗରେ ନାରାୟଣପାଟଣା ବିଡିଓ ଅକ୍ଷମିତା କାର୍ତ୍ତିକଙ୍କୁ ରାଜ୍ୟ ସରକାର କାର୍ଯ୍ୟରୁ ବୁଧବାର ନିଲମ୍ବିତ କରିଛନ୍ତି। ନିଲମ୍ବନ ସମୟରେ ସେ କୋରାପୁଟ ଜିଲା ପ୍ରଶାସନ ନିକଟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରେ ବିଡିଓ ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ନାମରେ ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା। ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି କରିଥିଲେ। କୋରାନା ମହାମାରୀ ସମୟରେ ଲୋକଙ୍କୁ ମାଗଣା ଖାଦ୍ୟ ପ୍ରଦାନ କରାଯାଉଥିବାବେଳେ ସେଥିରୁ ପ୍ରାୟ ୪୨ଲକ୍ଷ ଟଙ୍କା ଦୁର୍ନୀତି କରିଥିବା ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ଚାଲିଥିବା ବେଳେ ସେ କୋଷାଗୁମୁଡାରୁ ନାରାୟଣପାଟଣାକୁ ଗତ ଜୁଲାଇ ୨୦ରେ ବଦଳି ହୋଇ ଆସିଥିଲେ। ନବରଙ୍ଗପୁର ଜିଲାପାଳଙ୍କ ଲିଖିତ ରିପୋର୍ଟ ପାଇବା ପରେ ତାଙ୍କ ବିରୋଧରେ ପ୍ରମାଣ ମିଳିବାରୁ ଏହାକୁ ଭିତ୍ତି କରି ଅକ୍ଷମିତାଙ୍କୁ ସରକାର ଚିଠି ନଂ. ୧୮୫୫୭, ୨୮।୯।୨୨ରେ ନିଲମ୍ବିତ କରିଛନ୍ତି।



ଅକ୍ଷମିତା କାର୍ତ୍ତିକ।

# ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି: କାର୍ଯ୍ୟ ବନ୍ଦକଲେ ଆଇନଜୀବୀ

**ଜୟପୁର,୨୯।୯(ନି.ପ୍ର.)**

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ପ୍ରତ୍ୟେକ ମାସର ଶେଷ ୨ ଦିନ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ନିଷ୍ପତ୍ତି ହୋଇଛି। ସେହି ଅନୁଯାୟୀ ସେପ୍ଟେମ୍ବର ୨୯ ଓ ୩୦ରେ ଓକିଲମାନେ କାର୍ଯ୍ୟବନ୍ଦ କରି ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଉକ୍ତ ୨ ଦିନ ଜେଲରେ ଥିବା ବିଚାରାଧୀନ ବନ୍ଦୀଙ୍କ ଜାମିନ ଶୁଣାଣିରେ ଆଇନଜୀବୀମାନେ ସହଯୋଗ କରିବେ। ଏହାବ୍ୟତୀତ ଅନ୍ୟ କୌଣସି ମାମଲାର ଶୁଣାଣିରେ ସେମାନେ ସାମିଲ ହେବେ ନାହିଁ। ଜୟପୁରରେ ଥିବା ୨୦ଟି କୋର୍ଟର ସମସ୍ତ ଆଇନଜୀବୀ ଅନୁପସ୍ଥିତ ରହି ଜିଲା କୋର୍ଟ ସମ୍ମୁଖରେ ଧାରଣାରେ ସାମିଲ ହୋଇଥିଲେ। ସଂଘର ଜିଲା ସଭାପତି ସରୋଜ ଦାଶ, ଉପସଭାପତି ଗିରିଧର ଖରା, ହରିଶ ମୁଦୁଲି, ପ୍ରଶାନ୍ତ ତ୍ରିପାଠୀ, ଦିବାକର ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଅବିଭକ୍ତ କୋରାପୁଟ ଜିଲାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିନେଇ ୨୦୦୮ରୁ ଦାବି ହୋଇଆସୁଛି । ଏହାକୁ ନେଇ ରାଜ୍ୟ ସରକାର ପାଲ କମିଶନ ଗଠନ କରିଥିଲେ। ରିପୋର୍ଟ ଅନୁସାରେ ଜୟପୁରଠାରେ ହାଇକୋର୍ଟ ବେଞ୍ଚ ପାଇଁ ସବୁ ସର୍ତ୍ତ ପୂରଣ କରୁଛି। ବେଞ୍ଚ ପ୍ରତିଷ୍ଠା ପାଇଁ ଜୟପୁର ସହର ବେଶ୍ ଉପଯୋଗୀ। ଜୟପୁର ସହର ହାଇକୋର୍ଟଠାରୁ ୬ ଶହ କି.ମି. ଦୂରରେ ରହିଥିବା ବେଳେ ଟ୍ରେନ୍ ତ ଦୂରର କଥା ସିଧାସଳଖ ଯାତାୟାତ ଲାଗି ଗୋଟିଏ ବସ୍‌ରୁ ୨ଟି ନାହିଁ। ଫଳରେ ଦୀର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ଜନସାଧାରଣ କୋର୍ଟ ମାମଲାରେ କଟକ ଦୌଡ଼ି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ରାଜ୍ୟ ସରକାର ଜୟପୁରଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ଦାବି ହେଉଛି। ସୂଚନାଯୋଗ୍ୟ, ୧୯୮୧ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଯଶବନ୍ତ ସିଂ କମିଶନଙ୍କ ସୁପାରିସରେ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଲାଗି ସମସ୍ତ ସର୍ତ୍ତ ପୂରଣ କରୁଛି ବୋଲି ଉଲ୍ଲେଖ କରିଥିଲେ।




ଆଇନଜୀବୀମାନେ ଧାରଣାରେ ବସିଛନ୍ତି ।

# ୧୨ରୁ ଅଧିକ ଗ୍ରାମରେ ମିଳୁନି ମୋବାଇଲ ସେବା

**ସୁନାବେଡା/ସେମିଳିଗୁଡା,୨୯।୯ (ସ୍ୱ.ପ୍ର.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆର ଆଖପାଖ ୧୨ ଖଣ୍ଡ ଗ୍ରାମ ପ୍ରତି ସରକାର ଅବହେଳା କରି ଆସୁଥିବା ଅଭିଯୋଗ ହେଉଛି। ପଟ୍ଟାଙ୍ଗୀ ବ୍ଲକ ଅଧୀନରେ କୋଟିଆ ପଞ୍ଚାୟତର ଥୁରିଆ, କରଞ୍ଜିଗୁଡା, ଉପର ଭାରାବନ୍ଧ, ତଳ ଭାରାବନ୍ଧ, କାସୁଗୁଡା, ଟାଉପଦର, ଗୁମେଲ ପଦର,ତଳ କାଣ୍ଟି, ମାତାଲାମ, ଫୁଲପଦର, ଡୁମୁରିଗୁଡା ଓ ଜାମକୋଟା ଭଳି ଗ୍ରାମଗୁଡ଼ିକରେ ମୋବାଇଲ ଟାୱାର ନ ଥିବାରୁ ଏଠାରେ ସମସ୍ତ ଜରୁରୀକାଳୀନ ସେବା ଠପ ହୋଇଯାଉଛି। ଓଡ଼ିଶା ର ଉଚ୍ଚତମ ପର୍ବତ ଦେଓମାଳି ଥିବା ହେତୁ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ ହୋଇ ବହୁ ପର୍ଯ୍ୟଟକ ଏଠାକୁ ବୁଲିବା ପାଇଁ ଆସନ୍ତି। ମାତ୍ର ଏଠାରେ ମୋବାଇଲ ସେବାରେ ବ୍ୟାହତ ଯୋଗୁ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏସମ୍ପର୍କ ରେ ପଟ୍ଟାଙ୍ଗି ବ୍ଲକ ଜୋନ-୧ ଜିଲା ପରିଷଦ ସଦସ୍ୟା ଟିକାଇ ଗେମେଲଙ୍କୁ ପଚାରିବାରୁ ସେ କହିଛନ୍ତି କୋଟିଆ ପଞ୍ଚାୟତ ଅଧିନରେ ୪୦ ଗ୍ରାମ ରହିଥିବା ବେଳେ ସେଥିରୁ କିଛି ଗ୍ରାମକୁ ଅଧିକ ଗୁରୁତ୍ୱ ମିଳୁଛି । ଅନ୍ୟ ଗ୍ରାମଗୁଡିକ ସମାନ ସ୍ଥିତିରେ ଥିଲେ ମଧ ସେଗୁଡିକୁ ଅବହେଳା କରାଯାଉଛି। ଏନେଇ ପଟାଙ୍ଗୀ ବିଡ଼ିଓ ସୌମ୍ୟ ସାର୍ଥକ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଥୁରିଆ ଅଞ୍ଚଳରେ ମୋବାଇଲ ଟାୱାର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇସାରିଛି। ଖୁବ ଶୀଘ୍ର ଏହା ଲଗାଯିବ।

# ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ଦଶମନ୍ତପୁର,୨୯।୯( ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତ ବିଜମରା ଗ୍ରାମର ଜଣେ ବ୍ୟକ୍ତି ପାରିବାରିକ କଳହ ଯୋଗୁ ଆତ୍ମହତ୍ୟା କରଛନ୍ତି। ସେ ହେଲେ ସାହେବ ଜାନି (୨୪) । ସାହେବ ୬ ମାସ ତଳେ ବିବାହ କରିଥିଲେ। କୌଣସି କାରଣରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ସର୍ବଦା କଳହ ଲାଗି ରହୁଥିଲା। ପରିବାରରେ ଯେତେବେଳେ କଳହ ଲାଗୁଥିଲା ଶାଶୁ ତାରାମଣି ମୁଦୁଲି ଆସି ଝିଅକୁ ନିଜ ଘରକୁ ଡାକି ନେଇଯାଉଥିଲେ। କିଛିଦିନ ପରେ ସ୍ତ୍ରୀ ଭୋଜ ନିଜ ଘରକୁ ଫେରି ଆସୁଥିଲେ। ନିକଟରେ ସାହେବ ଓ ଭୋଜଙ୍କ ମଧ୍ୟରେ କଳହ ହୋଇଥିଲା। ତାରାମଣି ଝିଅକୁ ନିଜ ଘରକୁ ଡାକିନେବାକୁ ଆସିଥିଲେ। ଏହି ସମୟରେ ସାହେବ ଓ ତାରାମଣିଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ସାହେବ ବୁଧବାର ଭୋର ସାଢେ ୪ଟାରେ ଗ୍ରାମଠାରୁ କିଛି ଦୂରରେ ଥିବା ଏକ ଗଛରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ପୁଅର ଆତ୍ମହତ୍ୟା ଖବର ଶୁଣି ବାପା ଏନେଇ ମୁରାନ ଫାଣ୍ଡିରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ
# ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମମାଟିରୁ ପୁଣ୍ୟ ଜଳ, ମାଟି ସଂଗ୍ରହ

ମାଲକାନଗିରି,୨୯।୯(ଡି.ଏନ୍.ଏ./ସ୍ୱ.ପ୍ର.)- ଆସନ୍ତା ଅକ୍ଟୋବର ୨ ତାରିଖରେ ରାଜ୍ୟସ୍ତରୀୟ ଗାନ୍ଧି ଜୟନ୍ତୀ ଭୁବନେଶ୍ୱରଠାରେ ପାଳନ କରାଯିବ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମମାଟିରୁ ପବିତ୍ର ମାଟି ଓ ଜଳ ସଂଗ୍ରହ କରାଯାଉଛି। ମାଲକାନଗିରି ଜିଲାର ମାଥିଲି ବ୍ଲକ ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିପୀଠ ତାଙ୍କ ଜନ୍ମଗ୍ରାମରୁ ପବିତ୍ର ମାଟି ଓ ସପ୍ତଧାରା ନଦୀରୁ ପୂଣ୍ୟ ଜଳ ସଂଗ୍ରହ କରାଯାଇଛି। ସେହିପରି କାଲିମେଳା ବ୍ଲକର ସ୍ୱାଧୀନତା ସଂଗ୍ରାମୀ ତାମା ଦୋରାଙ୍କ ଜନ୍ମପୀଠରୁ ପବିତ୍ର ମାଟି ଏବଂ ମୁର୍ଗି ପଏଣ୍ଟର ଚୀନା ଗୋଦାବରୀ ନଦୀରୁ ପୂଣ୍ୟ ଜଳ ସଂଗ୍ରହ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଗାଡି ଯୋଗେ ଏହି ସବୁ ମାଟି ଓ ଜଳ ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯାଇଛି। ଏହି କାର୍ଯ୍ୟକ୍ରମ ଜିଲାପାଳ ବିଶାଳ ସିଂଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋଚ୍ଛନାମୟୀ ଆଚାର୍ଯ୍ୟ, ମାଥିଲି ବିଡିଓଙ୍କ ତତ୍ତ୍ୱାବଧାନରେ ହୋଇଥିଲା।

# ପ୍ରସ୍ତାବିତ ଏୟାର ଷ୍ଟ୍ରିପ୍ କାର୍ଯ୍ୟ ତଦାରଖ କଲେ ଜିଲାପାଳ

**ମାଲକାନଗିରି,୨୯।୯(ଡି.ଏନ.ଏ.)**

ମାଲକାନଗିରି ଜିଲାରେ ପ୍ରସ୍ତାବିତ ଏୟାର ଷ୍ଟ୍ରିପ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟକୁ ଗୁରୁବାର ଜିଲାପାଳ ବିଶାଳ ସିଂ ତଦାରଖ କରିଛନ୍ତି। ଜିଲ୍ଲାପାଳଙ୍କ ସମେତ ଏଡିଏମ୍ ମହେଶ୍ୱର ଚନ୍ଦ୍ର ନାଏକ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଏୟାର ଷ୍ଟ୍ରିପ୍ ସ୍ଥାନ ପରିଦର୍ଶନ କରିବା ସହ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ଏୟାର ଷ୍ଟ୍ରିପ ନିର୍ମାଣ ଯୋଗୁ ବିସ୍ଥାପିତ ହୋଇଥିବା ଲୋକଙ୍କ ପାଇଁ କୋଟେଲିଗୁଡା ଗ୍ରାମରେ ହୋଇଥିବା ବିସ୍ଥାପିତ କଲୋନୀକୁ ଯାଇ ସେଠାରେ ନିଆଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।



ଜିଲାପାଳ ଏୟାର ଷ୍ଟ୍ରିପ କାର୍ଯ୍ୟ ତଦାରଖ କରୁଛନ୍ତି।

# ମା' ଶ୍ୟାମାକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ମାଲକାନଗିରି,୨୯।୯ (ଡି.ଏନ୍.ଏ./ସ୍ୱ.ପ୍ର.)**

ମାଲକାନଗିରି ଜିଲା ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ ଏମ୍.ଭି.-୧୧୧ ଗ୍ରାମରେ ଗୁରୁବାର ମାଁ ଶ୍ୟାମାକାଳୀଙ୍କ ନୂତନ



ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଜେଡି ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ଯୁବନେତା ହେମନ୍ତ ପଟ୍ଟନାୟକ, ସଦାନନ୍ଦ ଖରା, ସିନ୍ଧ୍ରିମାଳ ସରପଞ୍ଚ ଘାସି ନାୟକ ଉପସ୍ଥିତ ଥିଲେ। ରାମକୃଷ୍ଣ ଯୁବକ ସଂଘ ଗ୍ରାମ କମିଟି ସହଯୋଗ କରିଥିଲେ। ପ୍ରତିଷ୍ଠା ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଆକ୍ଷେପ କରି ଗାଳିଗୁଲଜ କରୁଥିବା ଅଡିଓ ଭାଇରାଲ



ଥାନାକୁ ଏତଲା ଦେବାକୁ ଆସିଥିବା ବଙ୍ଗାଳି ସମାଜ କର୍ମକର୍ତ୍ତା।

**ମାଲକାନଗିରି, ୨୯।୯ (ଡି.ଏନ୍.ଏ./ସ୍ୱ.ପ୍ର.)**

- ବଙ୍ଗାଳି ସମାଜ ପକ୍ଷରୁ ଥାନାରେ ଏତଲା
- ଗାଳି କରିଥିବା ବ୍ୟକ୍ତି ବିଜେଡିରୁ ନିଲମ୍ବିତ

ମାଲକାନଗିରି ଜିଲାରେ ଏକ ନିର୍ଦ୍ଧିଷ୍ଟ ସମ୍ପ୍ରଦାୟକୁ ଆକ୍ଷେପ କରି ଫୋନ୍‌ରେ ଗାଳି କରୁଥିବା ସମ୍ପର୍କିତ ଏକ ଅଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଡିଓକୁ ବିଜୁ ଜନତା ଦଳର ଯୁବ ସଙ୍ଗଠନ ସଭାପତି ଆଡମା ରାବା ରାଜ୍ୟ ସଭାପତିଙ୍କୁ ଅବଗତ କଲାପରେ ଏହି ଅଡିଓରେ ବିଜୁ ଜନତା ଦଳର ଜିଲା ସାମାଜିକ ମିଡିଆ ସଂଯୋଜକ ମନୋଜ ପଟ୍ଟନାୟକଙ୍କର ବୋଲି ଜଣାପଡିଥିଲା। ଏହାକୁ ଭିତି କରି ରାବା ମନୋଜଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି। ତେବେ ଏହି ଘଟଣାକୁ ନେଇ ଗୁରୁବାର ମାଲକାନଗିରି ବେଙ୍ଗଲି ସମାଜ କର୍ମକର୍ତ୍ତା ଥାନାରେ ମନୋଜଙ୍କ ନାମରେ ଏତଲା ଦେଇଛନ୍ତି। ଏତଲାରେ ବଙ୍ଗାଳି ସମାଜକୁ ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ସେ ସମସ୍ତ ବଙ୍ଗାଳି ସମାଜକୁ ଅପମାନ କରିଥିବା ଉଲ୍ଲେଖ ରହିଛି। ଘଟଣାକୁ ନେଇ ଏମ୍.ପି.ଭି.- ୨୯ ବାସିନ୍ଦା ଅସିତ ମଣ୍ଡଳ ଓ ଶ୍ରୀବାସଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଥିବା ଏତଲାରେ ଉଲ୍ଲେଖ ରହିଛି। ବଙ୍ଗାଳି ସମାଜ ସଭାପତି ଗୌରାଙ୍ଗ କର୍ମକାର, ସାଧାରଣ ସମ୍ପାଦକ ନିହାର ରାୟଙ୍କ ସହ ସୁନିଲ ବିଶ୍ୱାସ, ଶିବପଦ ମିର୍ଦ୍ଧା, ଗୋକୁଲ ଚନ୍ଦ୍ର ରାୟ, ସଞ୍ଜୁ ସରକାର, ଅନିତା ମିସ୍ତ୍ରି, ସୁଶାନ୍ତ ଦାସଙ୍କ ସହ ଅନ୍ୟମାନେ ଏତଲା ଦେବା ବେଳେ ଉପସ୍ଥିତ ଥିଲେ।

# ମାଥିଲି ପୋଷ୍ଟ ଅଫିସ ଅଚଳ:ପୋଡ଼ିଯାଇଛି କମ୍ପ୍ୟୁଟର, ଓଜନ ମେଶିନ

**ମାଥିଲି,୨୯।୯(ଡି.ଏନ.ଏ.)**

ମାଲକାନଗିରି ଜିଲା ମାଥିଲି ପୋଷ୍ଟ ଅଫିସରେ କମ୍ପ୍ୟୁଟର ଓ ପାର୍ଶଲ ଓଜନ ମେଶିନ ପୋଡିଯାଇଛି। ଫଳରେ ୨୧ ଦିନ ହେଲା ଏହି କାର୍ଯ୍ୟାଳୟ ଏକପ୍ରକାର ଅଚଳ ହୋଇପଡିଛି। ଏହି ପୋଷ୍ଟ ଅଫିସ ଉପରେ ମାଥିଲି ବ୍ଲକର ୨୦ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି । ପୋଷ୍ଟ ଅଫିସ ଅଧୀନରେ ୨୮ଟି ବ୍ରାଞ୍ଚ ପୋଷ୍ଟ ଅଫିସ ରହିଛି। ସେମାନେ ମାଥିଲି ପୋଷ୍ଟ ଅଫିସ ଉପରେ ନିର୍ଭର କରନ୍ତି। ପୋଷ୍ଟ ଅଫିସର କମ୍ପ୍ୟୁଟର ଓ ପାର୍ଶଲ ଓଜନ ମେଶିନ ପୋଡି ଯାଇଥିବାରୁ ଚିଠିପତ୍ର ପଠାଇବାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୋଷ୍ଟମାଷ୍ଟର ମାଗୁଣି ଗୌଡଙ୍କୁ ପଚାରିଲେ ମୁଁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦେଇଛି। କେବେ କମ୍ପ୍ୟୁଟର ଓ ପାର୍ଶଲ ଓଜନ ମେଶିନ ମରାମତି ହେବ ଉଚ୍ଚ ଅଧିକାରୀ ହିଁ କହିପାରିବେ ବୋଲି ପ୍ରକାଶ କରିଛନ୍ତି। ଆଉ ଜଣେ ଅଧିକାରୀ ବାବୁରାମ ମାଦ୍ରିଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ମୁଁ କୋରାପୁଟ ଡିଭିଜନ ଅଫିସକୁ ମାଥିଲି ପୋଷ୍ଟ ଅଫିସ ସମ୍ପର୍କରେ ଜଣାଇ ଦେଇଛି। କେବେ ମରାମତି ହୋଇ ମାଥିଲି ପୋଷ୍ଟ ଅଫିସ ସ୍ୱାଭାବିକ ଭାବେ ଚାଲିବ ମୁଁ କହିପାରିବି ନାହିଁ ବୋଲି ପ୍ରକାଶ କରିଥିଲେ।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପରିବାର, ଯବାନ



ମାଲକାନଗିରି,୨୯।୯ (ଡି.ଏନ୍.ଏ.)- ମାଲକାନଗିରି ମାଟିର ବୀରପୁତ୍ର ରମେଶ ହାଲ୍‌ବା ଆଜିର ଦିନରେ ସୀମାରେ ପ୍ରାଣବଳି ଦେଇଥିଲେ। ଆଜି ହେଉଛି ତାଙ୍କର ୧୨ତମ ବଳିଦାନ ଦିବସ। ଏହି ଦିବସରେ ତାଙ୍କୁ ପରିବାର ଓ ଯବାନମାନେ ମନେ ପକାଇଛନ୍ତି। ଜିଲା ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ଥାପିତ ରମେଶଙ୍କ ପ୍ରତିମୂର୍ତ୍ତି ନିକଟରେ ତାଙ୍କ ପରିବାରବର୍ଗ, କୋରାପୁଟ ସିଆର୍‌ପିଏଫ୍ ସେନା ଅଧିକାରୀ ନରସିଂହ ପଣ୍ଡା ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ସହିତ ଅନ୍ୟ ଶିକ୍ଷକମାନେ ମଧ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦ ରମେଶ ଦେଶ ପାଇଁ ଜୀବନ ଦେଇଥିବା ବେଳେ ତାଙ୍କ ଏହି ବଳିଦାନକୁ ମାଟି ମା' କେବେ ଭୁଲିପାରିବ ନାହିଁ ବୋଲି ଉପସ୍ଥିତ ଅଧିକାରୀ ପଣ୍ଡା ପ୍ରକାଶ କରିଥିଲେ।

# ୧୫ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

**କୋରାପୁଟ,୨୯।୯(ସ୍ୱ.ପ୍ର. )**

କୋରାପୁଟରୁ ବିହାରକୁ ଗଞ୍ଜେଇ ଚୋରାଚାଲାଣ ବେଳେ ସହରର ଭବାନୀ ନଗର ଠାରୁ ୧୫ କିଲୋ ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରିଛି କୋରାପୁଟ ଟାଉନଥାନା ପୋଲିସ। ସେ ହେଲେ ବିହାର ରାଜ୍ୟର ମହାରାଜଗଞ୍ଜ ଥାନା ଅନ୍ତର୍ଗତ ସାରିଆ ଗ୍ରାମର ବିନୋଦ କୁମାର। ଏକ ଟ୍ରଲି ବ୍ୟାଗରେ ଗଞ୍ଜେଇ ଧରି ଭବାନୀ ନଗର ନିକଟରେ ବିନୋଦ ବସ୍‌କୁ ଜଗି ରହିଥିବା ବେଳେ ଖବର ପାଇ ପୋଲିସ ପହଞ୍ଚି ତାଙ୍କ ବ୍ୟାଗ୍ ଯାଞ୍ଚ କରି ତାଙ୍କୁ ଧରିଥିଲା। ଗଞ୍ଜେଇ ଚୋରାଚାଲାଣରେ ସ୍ଥାନୀୟ ଅଞ୍ଚଳର କାହାର ସମ୍ପୃକ୍ତି ରହିଛି ସେ ନେଇ ଅଧିକ ତଦନ୍ତ ଚାଲିଛି। ଗିରଫ ବିନୋଦଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

# ଦୁର୍ଗମ ଅଞ୍ଚଳରୁ ଭିନ୍ନକ୍ଷମ, ହିତାଧିକାରୀ ଚିହ୍ନଟ ନେଇ ଜିଲାପାଳଙ୍କ ନିର୍ଦ୍ଦେଶ

**ମାଲକାନଗିରି,୨୯।୯(ଡି.ଏନ୍.ଏ.)**

- ଜିଲାର ୩ ବ୍ଲକରେ ହେବ କ୍ୟାମ୍ପ କୋର୍ଟ
- ପିଇଓ, ଜନ ପ୍ରତିନିଧିମାନେ ଲୋକଙ୍କୁ ଅବଗତ କରାଇବେ
- ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତଦାରଖ କରିବେ

ମାଲକାନଗିରି ଜିଲା ସୀମାନ୍ତକୁ ଲାଗି ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଓ ତେଲଙ୍ଗାନା ରାଜ୍ୟ ରହିଛି। ଏହିସବୁ ସୀମାନ୍ତ ଅଞ୍ଚଳ ପାହାଡ଼ ଜଙ୍ଗଲ ଭରା ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଅନେକ ଗରିବ ହିତାଧିକାରୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଯୋଜନାଗୁଡ଼ିକ ମଧ୍ୟରେ ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଭତ୍ତା, ଭୋଟର ପରିଚୟ ପତ୍ର, ଆଧାର କାର୍ଡ, ଭୋଟର ପରିଚୟ ପତ୍ର ସଂଶୋଧନ, ହିତାଧିକାରୀଙ୍କ ବାର୍ଷିକ ଆୟ, ରାଶନ କାର୍ଡ, ଜାତିଗତ ପ୍ରମାଣପତ୍ର, ବିଭିନ୍ନ ଯୋଜନାରେ ଆବଶ୍ୟକ ହେଉଥିବା ପ୍ରମାଣପତ୍ର ସେମାନେ ପାଇପାରୁ ନାହାନ୍ତି। ଫଳରେ ସେମାନେ ସରକାରଙ୍କ ଯୋଜନା ବିଷୟରେ କିଛି ଜାଣିପାରୁନାହାନ୍ତି। ଏସବୁ ଯୋଜନାରୁ ସୁଫଳ ପାଇପାରୁନାହାନ୍ତି। ବିଜୁ ପକ୍କାଘର, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ମଧ ଅନେକ ଲୋକ ବଞ୍ଚିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲାପାଳ ବିଶାଳ ସିଂ ଗୁରୁବାର ଜିଲାର ସୀମାନ୍ତକୁ ଲାଗିଥିବା ୩ଟି ବ୍ଲକ ଖଇରପୁଟ, ଚିତ୍ରକୋଣ୍ଡା, ମାଥିଲି ବ୍ଲକରେ ସ୍ୱତନ୍ତ୍ର କ୍ୟାମ୍ପ କରି ସମସ୍ତ କାର୍ଯ୍ୟ ନିର୍ଭୁଲ୍ ଭାବେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖଇରପୁଟ ବ୍ଲକରେ ଅକ୍ଟୋବର ୧୯ରେ ମୁଦୁଲିପଡ଼ା ବଣ୍ଡା ଉନ୍ନୟନ ସଂସ୍ଥା ପରିସରରେ କ୍ୟାମ୍ପ ହେବ। ନଭେମ୍ବର ୧୧ରେ ବଡଡୁରାଲ ପ୍ରାଥମିକ ବିଦ୍ୟାଳୟରେ କ୍ୟାମ୍ପ ହେବାକୁ ସ୍ଥିର ହୋଇଛି। ଚିତ୍ରକୋଣ୍ଡା ବ୍ଲକରେ ଅକ୍ଟୋବର ୨୦ରେ ପଣସପୁଟ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଓ ନଭେମ୍ବର ୪ରେ ଧୂଳିପୁଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କ୍ୟାମ୍ପ କରାଯିବ। ସେହିପରି ମାଥିଲି ବ୍ଲକରେ ଅକ୍ଟୋବର ୨୬ରେ କତାପାଲି ପଞ୍ଚାୟତର ଦୁସାନାଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓ ନଭେମ୍ବର ୯ ତାରିଖରେ ମହୁପଦର ପଞ୍ଚାୟତ କାର୍ଯ୍ୟାଳୟରେ କ୍ୟାମ୍ପ ଅନୁଷ୍ଠିତ ହେବ। ଏହି କ୍ୟାମ୍ପଗୁଡ଼ିକରେ ନୋଡାଲ ଅଧିକାରୀ ଭାବେ ଉପଜିଲାପାଳ, ଜିଲା ପରିଷଦର ମୁଖ୍ୟ ଜିଲା ଅଧିକାରୀ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ରହିବେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତଦାରଖ କରିବେ। କାର୍ଯ୍ୟକ୍ରମ ହେବା ପୂର୍ବରୁ ସମ୍ପୃକ୍ତ ପଞ୍ଚାୟତଗୁଡିକର ନିର୍ବାହୀ ଅଧିକାରୀ, ସରପଞ୍ଚ, ୱାର୍ଡମେମ୍ବରମାନେ କ୍ୟାମ୍ପ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବାକୁ ଜିଲାପାଳ କହିଛନ୍ତି।

